ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏଆଇପିଏସ୍ଏସ୍‌ସିବି)ର ୧୫୪ଶ ଏଜିଏମ୍ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ନିର୍ବିବାଦରେ ଏଆଇପିଏସ୍ଏସ୍‌ସିବିର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ କରାଯାଇଛି। ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ପତ୍ର ଯୋଗେ ଅନୁରାଧାଙ୍କୁ ଜଣାଇ ଦିଆଯାଇଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ହର୍ଡଲ୍ସ କୁଇନ ଅନୁରାଧା। "ଏହା ମୋ ପାଇଁ ବଡ଼ ସୁଯୋଗ ଏବଂ ଗୁରୁ ଦାୟିତ୍ୱ। କେବଳ ଆଥ୍‌ଲେଟିକ୍ସ ନୁହେଁ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ହେବ। ମୁଁ ମଧ୍ୟ ନ୍ୟାଶନାଲ ଗେମ୍ସ ସଂଯୋଜକ ଏବଂ ଆଥ୍‌ଲେଟ୍ସ ସ୍କଲାରଶିପ୍ ସ୍କିମ୍‌ର ଚୟନ କମିଟି ସଦସ୍ୟ ଅଛି। ଏପରି ସୁଯୋଗ ମିଳିଥିବାରୁ ମୁଁ ମୋ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଧନ୍ୟବାଦ ଦେବି। ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛି" ବୋଲି ନିଜ ପ୍ରତିକ୍ରିୟାରେ ଅନୁରାଧା ପ୍ରକାଶ କରିଛନ୍ତି।

**ମହିଳା ପ୍ରିମିୟର ଲିଗ୍**

# ମୁମ୍ବାଇ ଇଣ୍ଡିଆନ୍ସର ସମ୍ମାନଜନକ ସ୍କୋର

**ନଭି ମୁମ୍ବାଇ, ୯।୧**

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ସ୍ଥାନୀୟ ଡି.ଓ୍ୱାଇ. ପାଟିଲ ଷ୍ଟାଡିୟମରେ ଆରମ୍ଭ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ସମ୍ମାନଜନକ ସ୍କୋର କରିଛି। ଆରମ୍ଭରେ ଧୀମା ଖେଳିଥିଲେ ହେଁ ମୁମ୍ବାଇ ଦଳ ଏହି ମ୍ୟାଚରେ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟିକା ସ୍ମୃତି ମନ୍ଧାନା। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ପାୱାରପ୍ଲେ ୬ ଓଭରରେ ମାତ୍ର ୩୪ ରନ ବ୍ୟୟ କରିଥିଲେ। ୧୫ ଓଭରରେ ଯାଇ ମୁମ୍ବାଇ ସ୍କୋର ୧୦୦ ଛୁଇଁଥିଲା। ମାତ୍ର ପରବର୍ତ୍ତୀ ୫ ଓଭରରେ ଦଳ ୫୪ ରନ କରିବାରୁ ସ୍କୋର ୧୫୦ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ସଜିଭନ ସଜନା ସର୍ବାଧିକ ୪୫, ନିକୋଲା କାରେ ୪୦ ଓ ଗୁନାଲାନ କମଲିନି ୩୨ ରନ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ନାଦିନେ ଡି କ୍ଲର୍କ ସର୍ବାଧିକ ୪ଟି ଏବଂ ଲୌରେନ ବେଲ୍ ଓ ଶ୍ରୀୟଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ

**ଭଦ୍ରକ,୯।୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଖେଳାଯାଇଛି। ବାରିପଦା କ୍ରିକେଟ ଏକାଡେମୀକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ବାରିପଦା କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡିଂ କରିଥିଲା। ଇଷ୍ଟକୋଷ୍ଟ

**ମହାବୀର କପ୍ କ୍ରିକେଟ**

ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ଶ ୪୨ ଓ ସାହିଲ ଖାନ୍ ୩୫ ରନ କରିଥିଲେ। ବାରିପଦା ପକ୍ଷରୁ ମନୁ ରାମ ୩ଟି ଓ ମାରି ଲୋକନାଥ ୩ଟି ଉଇକେଟ୍ ନେଇଥିଲେ। ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ବାରିପଦା ୧୯.୨ ଓଭରରେ ୧୪୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ୧୩ ରନ୍‌ରେ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଥିଲା। ବାରିପଦା ପକ୍ଷରୁ ମାରି ଲୋକନାଥ ୩୧ ଓ ପ୍ରୀତ୍‌ପାଲ୍ ସିଂ ୨୩ ରନ୍ କରିଥିଲେ। ରେଲୱେ ପକ୍ଷରୁ



ସାହିଲ୍ ଖାନ୍ ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ନୀହାର ଭୂୟାଁ ୩ଟି ଓ ସାହିଲ୍ ଖାନ୍ ୨ଟି ଉଇକେଟ୍ ନେଇଥିଲେ। ସାହିଲ୍ ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀନିବାସ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ଦେବବ୍ରତ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚରେଫେରୀ ଭାବେ ରାଜେଶ ନାୟକ ଓ ରିଜର୍ଭ ଅମ୍ପାୟାର ଭାବେ ଚନ୍ଦନ ନାୟକ ରହିଥିବା ବେଳେ କରନ୍ ଖାନ୍ ସ୍କୋରର ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 10/2026 | Page 16 | ₹ 7.00 | BALASORE
୫୨ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 48 | ମୂଲ୍ୟ ₹୭/-






ଇରାନରେ ପ୍ରତିବାଦର ନୂଆ ଟ୍ରେଣ୍ଡ୍: ଜଣେ ମହିଳା ସିଗାରେଟ୍ ନିଆଁ ଲଗାଇ ସର୍ବୋଚ୍ଚ ଧର୍ମୀୟ ନେତା ଆୟାତୋଲା ଅଲି ଖାମେନେଇଙ୍କ ଫଟୋକୁ ପୋଡୁଛନ୍ତି। ଏହା ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଭାଇରାଲ ହୋଇଛି। (ରିପୋର୍ଟ: ପୃଷ୍ଠା-୮)

# ଫୋନ୍ କଲେନି, ଭୁଶୁଡ଼ିଲା ଚୁକ୍ତି

## ଭାରତ ସହ ଚୁକ୍ତି ଅଟକିବାର କାରଣ କହିଲେ ଆମେରିକା ବାଣିଜ୍ୟ ସଚିବ

ନୂଆଦିଲ୍ଲୀ,୯।୧ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲେ ନାହିଁ ବୋଲି ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଭୁଶୁଡ଼ିଗଲା ବୋଲି ଆମେରିକା କମର୍ସ ସେକ୍ରେଟାରି ହୋୱାର୍ଡ ଲ୍ୟୁଟ୍‌ନିକ୍ କହିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଲ୍ୟୁଟ୍‌ନିକ୍‌ଙ୍କ ଏହି ମନ୍ତବ୍ୟ ପରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ମୋଦି ଓ ଟ୍ରମ୍ପ୍ ୨୦୨୫ରେ ୮ ଥର କଥା ହୋଇଥିଲେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯିବା ସହ ଲ୍ୟୁଟ୍‌ନିକ୍‌ଙ୍କ ମନ୍ତବ୍ୟକୁ ଖଣ୍ଡନ କରାଯାଇଛି।

ଆମେରିକା ବାଣିଜ୍ୟ ସଚିବ ଲ୍ୟୁଟ୍‌ନିକ୍ ଶୁକ୍ରବାର ଅଲ୍-ଇନ୍ ପୋଡ୍‌କାଷ୍ଟକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୱାଶିଂଟନ୍ ସହ ବାଣିଜ୍ୟ ଚୁକ୍ତି କରିବା ନେଇ ନୂଆଦିଲ୍ଲୀ ଅନେକ ଥର ସୁଯୋଗକୁ ହାତଛଡ଼ା କରିଛି। ଗତବର୍ଷ ପ୍ରାରମ୍ଭରେ ଟ୍ରେଡ୍ ନେଗୋସିଏଟରମାନେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ପାଇଁ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲ୍ କରି ନ ଥିଲେ। ନୂଆଦିଲ୍ଲୀ 'ଟ୍ରେନ୍ ମିସ୍' କରିବା ପରେ ପ୍ରାରମ୍ଭିକ ଆଲୋଚନା ବେଳେ ପାରସ୍ପରିକ ଟିକସ ହ୍ରାସ ପାଇଁ ଦାବି କରିଥିଲା।

୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତ ☞ପୃଷ୍ଠା-୪










# ଗଙ୍ଗାସାଗର ମେଳା ଶୁଭାରମ୍ଭ: ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

- ଶଟସର୍କିଟରେ ଜଳିଗଲା ଶତାଧିକ ଅସ୍ଥାୟୀ କ୍ୟାମ୍ପ
- ୯ରୁ ରସଲପୁର-ମୟାଗାଲିନୀ ଯାତ୍ରୀ ଫେରିଘାଟ ବନ୍ଦ
- ଆଜିଠୁ ଚାଲିବ ୧୮ଯୋଡ଼ା ଟ୍ରେନ

ଭୋଗରାଇ, ୯।୧(ପ୍ରଦୀପ ଦାସ)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ଗୁରୁବାର ସନ୍ଧ୍ୟାରେ କୋଲକାତା ବାବୁଘାଟସ୍ଥିତ ଏକ ସ୍ଥାନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ମେଳାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଗଙ୍ଗାସାଗର ମେଳାକୁ ୧ କୋଟିରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କ ଆଗମନ ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏବେଠୁ ତୀର୍ଥଯାତ୍ରୀଙ୍କ ମେଳାକୁ ଆସିବାକୁ କୋଲକାତାର ହାୱଡ଼ା, ବାବୁଘାଟ, ଧର୍ମତଳା, ସିଆଲଦା ରେଳଷ୍ଟେଶନରେ ତୀର୍ଥଯାତ୍ରୀ ସହ ବହୁ ସାଧୁ, ସନ୍ଥ ଓ ନାଗାସନ୍ନ୍ୟାସୀଙ୍କ ଭିଡ ଜମିବାରେ ଲାଗିଛି। ନିକଟରେ ବାଂଲାଦେଶରେ ରାଜନୈତିକ ଅସ୍ଥିରତା, ହିଂସା ଓ ଅନୁପ୍ରବେଶକୁ ରୋକିବା ଲାଗି ସମୁଦ୍ରରେ ତଟରକ୍ଷୀ ବାହିନୀକୁ ସତର୍କ ରଖାଯାଇଛି। ମେଳାର ସୁରକ୍ଷା ଦୃଷ୍ଟିରୁ ଜଳ, ସ୍ଥଳ ଓ ଆକାଶବାହିନୀକୁ ମଧ୍ୟ ଅନୁରୂପ ଭାବେ କଡା ନଜର ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସାଗରମେଳା ପ୍ରବେଶପଥରେ ମେଟାଲ ଡିଟେକ୍ଟର ସହ ଲଟ୍ ନଂ. ୮, କଚୁବେରିଆ, ନାମଖାନା, ଚେମାଗଡି, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟ ଆଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନଗୁଡିକରେ ୧୨ଶହ ସିସି କ୍ୟାମେରା, ୨୨ଟି ଡ୍ରୋନ, ୪ଟି ଜଳ ଓ ଜରୁରୀକାଳୀନ ସେବା, ୧ଟି ଏୟାର ଆମ୍ବୁଲାନ୍ସ, ୩ଟି ଜଳ ଆମ୍ବୁଲାନ୍ସ, ୧୨ହଜାର ପୋଲିସ, ୧୮ଟି ଦମକଳ, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ମୁତୟନ, ନଦୀପଥରେ ଭେସେଲ ଓ ଲଞ୍ଚ ପରାପାରି ଘାଟ ରହିବା ସହ ସାଗରବନ୍ଧୁ ନାମିତ ୮ ଶହ ଜଣିଆ ଟିମ ପ୍ରସ୍ତୁତ ରହି ତୀର୍ଥଯାତ୍ରୀଙ୍କୁ ସହାୟତା ଦେବେ ବୋଲି ଜିଲାଶାସକ ଅରବିନ୍ଦ ମୀନା ଧରିତ୍ରୀକୁ ସୂଚନା ଦେଇଛନ୍ତି।

ମେଳା ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୨ଟି ଉଚ୍ଚସ୍ତରୀୟ କମିଟି ଗଠନ କରି ଉଚ୍ଚସ୍ତରୀୟ ସମୀକ୍ଷା କରିଥିବା ବେଳେ ୧୨ଜଣ ମନ୍ତ୍ରୀଙ୍କୁ ଶୂନ୍ୟ ମୃତ୍ୟୁକୁ ଗୁରୁତ୍ୱ ଦେବା ସହିତ ମେଳା ପରିଚାଳନା ପାଇଁ ଦାୟିତ୍ୱ ଦେଇଛନ୍ତି। ପୁଣ୍ୟାର୍ଥୀଙ୍କ ପାଇଁ ୭ଟି ଅସ୍ଥାୟୀ ହସ୍‌ପିଟାଲ, ୧୨ଟି ସ୍ଥାନରେ ମେଡିକାଲ ଟିମ୍, ୧ଶହ ଆମ୍ବୁଲାନ୍ସ, ୧୨ହଜାର ଶୌଚାଗାର ଓ ତୀର୍ଥଯାତ୍ରୀଙ୍କ ରହିବା ସକାଶେ ହଜାର ହଜାର ଅସ୍ଥାୟୀ ହୁଗୁଳା ଘର ନିର୍ମାଣ କରାଯାଇଛି। ପ୍ରସିଦ୍ଧ ମେଳାକୁ ସ୍ୱଚ୍ଛ ଓ ସତେଜ ରଖିବା ନିମନ୍ତେ ପ୍ଲାଷ୍ଟିକମୁକ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଙ୍ଗସାଗରରେ କୌଣସି ତୀର୍ଥଯାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଲେ ପୂର୍ବବର୍ଷ ଭଳି ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଆସନ୍ତା ୧୪ତାରିଖ ମକର ସଂକ୍ରାନ୍ତିରେ ପୁଣ୍ୟସ୍ନାନ ଥିବାରୁ ସାଗରରେ ୧ କୋଟିରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ସମାଗମ ହେବାର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏବେଠୁ ଲକ୍ଷାଧିକ ପୁଣ୍ୟାର୍ଥୀ ସାଗର ସଙ୍ଗମକୁ ଆଗମନ ହେବାରେ ଲାଗିଛି। ଶୁକ୍ରବାର ଭୋରରୁ ଗଙ୍ଗାସାଗର ଅସ୍ଥାୟୀ ହୁଗୁଳା ଘରରେ ବିଦ୍ୟୁତ ସଟସର୍କିଟ ହୋଇ ବଜରଙ୍ଗ ପରିଷଦ, ସଂସ୍କୃତି ଦପ୍ତର ଓ ଗଣମାଧ୍ୟମ ରହିବା ସ୍ଥାନରେ ନିଆଁଲାଗି ଶତାଧିକ କ୍ୟାମ୍ପ ପୋଡି ଛାରଖାର ହୋଇଯାଇଛି। କୌଣସି ଜୀବନହାନି ଘଟି ନ ଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ପୁଣି ଅସ୍ଥାୟୀ କ୍ୟାମ୍ପ ପ୍ରସ୍ତୁତି କରାଯାଉଛି। ୯ତାରିଖରୁ ରସଲପୁର-ମୟାଗାଲିନୀ ଲଞ୍ଚ ଯାତ୍ରୀ ଫେରିଘାଟ ସରକାରୀ ଭାବେ ବନ୍ଦ ଯୋଗୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଦୁଇ ମେଦିନୀପୁର ଜିଲାର ଲକ୍ଷାଧିକ ତୀର୍ଥଯାତ୍ରୀ ହଇରାଣ ହରକତ ଏବଂ ଅଧିକ ଖର୍ଚ୍ଚାନ୍ତ ହେବା ଯୋଗୁ ତୀର୍ଥଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଗଙ୍ଗାସାଗର ମେଳାରେ ଯାତ୍ରୀଙ୍କ ରହିବା ପାଇଁ କରାଯାଇଥିବା ଅସ୍ଥାୟୀ ହୁଗୁଳା ଘର।

# ୫ ସମବାୟ ସମିତିରେ ଖୋଲିଲା ମଣ୍ଡି



ପଳସାରେ ଅତିଥିମାନଙ୍କ ଦ୍ୱାରା ଧାନମଣ୍ଡିର ଶୁଭାରମ୍ଭ କରାଯାଉଛି।

ଖଇରା, ୯।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ୫ଟି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ବିବିସିସି ସଭାପତି ଗଣେଶ ପ୍ରସାଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର, ଆରଏମ୍‌ସି ସମ୍ପାଦକ ସୁଶାନ୍ତ କୁମାର ଦାସ, ବିବିସିସି ବ୍ୟାଙ୍କ ଖଇରା ଶାଖା ପରିଚାଳକ ଯଦୁନାଥ ସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଅନ୍ୟ ଅତିଥିମାନଙ୍କ ପଳସା ସମିତି ଗସ୍ତ କରିଥିବା ବେଳେ ପରିଚାଳନା ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା। ବିଧାୟକ ସବୁ ଚାଷୀଙ୍କର ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଟୋକନ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗୋଳିହାରେ ସଭାପତି ସମ୍ପଦ କୁମାର ଘଡେଇ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଡୁଙ୍ଗୁରାରେ ସଭାପତି ଶତ୍ରୁଘ୍ନ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଦାସ, ମାଣିତ୍ରୀରେ ସଭାପତି କୈଳାସ ଗଡପଲ୍ଲା, ସମ୍ପାଦକ ଉତ୍ତମ ପାଣିଗ୍ରାହୀ, ଓସଙ୍ଗରେ ବୋର୍ଡ ସଭାପତି ଜଗନ୍ନାଥ ଦାଶ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ବିଧାୟକ ଏବଂ ଅନ୍ୟାନ୍ୟ ଅତିଥିମାନେ ଧାନକ୍ରୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ମାଣିତ୍ରୀ ଓ ଓସଙ୍ଗରେ ଶରତ ଦାସଙ୍କ ସମେତ ବହୁ ଚାଷୀ ମିଲର ଦ୍ୱାରା ୧୦ କିଲୋ ପର୍ଯ୍ୟନ୍ତ କଟନୀଛଟନୀ କରାଯାଉଥିବା ଅଭିଯୋଗ କରିଥିଲେ।

# ଧର୍ମାନ୍ତର ବିବାଦ: ୪୦ ଘଣ୍ଟା ପରେ ଚର୍ଚ୍ଚରେ ସତ୍କାର

ଜଳେଶ୍ୱର, ୯।୧(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତର ୪ ନମ୍ବର ୱାର୍ଡ ରଙ୍ଗମାଟିଆ ଗାଁର ଛୁଟା ହାଁସଦା(୯୫) ବୁଧବାର ମଧ୍ୟରାତିରେ ମୃତ୍ୟୁବରଣ କରିଥିଲେ। ଶବ ସତ୍କାର ନେଇ ବଡ଼ ପୁଅ ଭରତ ଓ ସାନ ପୁଅ ଭୀମଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସାନପୁଅ ଖ୍ରୀଷ୍ଟ ଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିବାରୁ ବଡ଼ପୁଅ ଭରତ ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ମଧ୍ୟ ଏହାକୁ ବିରୋଧ କରିଥିଲେ। ପୋଡ଼ିବା ଏବଂ ପୋତିବା ଲାଗି ବିବାଦ ଦେଖାଦେବାରୁ ଦୀର୍ଘସମୟ ଧରି ମୃତଦେହ ପଡ଼ିରହିଥିଲା। ଗୁରୁବାର ରାତି ୮ଟା ସମୟରେ ପ୍ରଶାସନ ତରଫରୁ ବୁଝାଶୁଝା କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ପୁଣି ଦୀର୍ଘ ସମୟ ଧରି ମୃତଦେହ ପଡ଼ିରହିବା ପରେ ଶୁକ୍ରବାର ଅପରାହ୍ଣ ୨ଟାରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ଅତିରିକ୍ତ ତହସିଲଦାର, ରାଇବଣିଆ ଥାନା ଏଏସ୍ଆଇ ରାମେଶ୍ୱର ସୋରେନ୍, ଚନ୍ଦନ ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ମୃତଦେହକୁ ହାତୀଗଡ଼ ଗହିରାବନ୍ଧ ଚର୍ଚ୍ଚରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ସରକାରୀ ଧାନମଣ୍ଡି ଖୋଲିବା ଦାବିରେ ରାସ୍ତାରୋକୋ




ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ କରାଯାଇଥିବା ରାସ୍ତାରୋକୋ।

ନୀଳଗିରି, ୯।୧(ପ୍ରଶାନ୍ତ ବିଶ୍ୱାଳ)

ଜାନୁଆରୀ ମାସ ଅଧା ହେବାକୁ ବସିଲାଣି। କିନ୍ତୁ ସରକାରୀ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯାଇନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଯେହେତୁ ଚାଷ ଅମଳ ସରିଲାଣି ସେଥିପାଇଁ ଋଣ ଦେଇଥିବା ସଂସ୍ଥାମାନେ ଚାଷୀଙ୍କ ଉପରେ ଜୁଲମ୍ କରୁଛନ୍ତି। ସେଥିପାଇଁ ଚାଷୀମାନେ ବାଧ୍ୟହୋଇ କମ୍ ଦାମ୍‌ରେ ଧାନ ବିକ୍ରି କରୁଛନ୍ତି। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଶୁକ୍ରବାର ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଗରଡ଼ିହି ଛକଠାରେ ରାସ୍ତାରୋକୋ କରାଯାଇଥିଲା। ଦୀର୍ଘ ୩ଘଣ୍ଟା ରାସ୍ତାରୋକୋ ପରେ ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ପ୍ରଦୀପ କୁମାର ଦାସ, ଏଆର୍‌ସିଏସ୍ ବିଷ୍ଣୁମୋହନ ମଲ୍ଲିକ, ଏସିଏସ୍‌ଓ ବିଦ୍ୟୁତଲତା ନାୟକ ଓ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକାରୀ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ଶନିବାରଠାରୁ ନୀଳଗିରିର ସମସ୍ତ ସରକାରୀ ଧାନମଣ୍ଡି ଖୋଲିବା ସହିତ ଚାଷୀଙ୍କଠାରୁ ଧାନକ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କାର୍ଯ୍ୟକ୍ରମରେ ସତ୍ୟଜିତ ଦାସ, ସୁରେଶ ନାୟକ, ଯୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ମହେଶ୍ୱର ଭୁଆଁ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ଲକ୍ଷ୍ମୀଧର ସାହୁ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ବାରିକ, ନାରାୟଣ ଧାମୁଡ଼ିଆ, ଅମରେନ୍ଦ୍ର ନାୟକ, ଯୋଗେନ୍ଦ୍ର ଦାସ, ରାମଚନ୍ଦ୍ର ପଢ଼ିଆରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକ, ଯାତ୍ରୀ ସହାୟକଙ୍କୁ ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର, ୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ଖବରକାଗଜ ବିତରକ ଏବଂ ରେଳଷ୍ଟେଶନରେ କାର୍ଯ୍ୟରତ ଯାତ୍ରୀ ସହାୟକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଆର୍‌କେ ଜେନା ଫାଉଣ୍ଡେଶନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ମୁଖ୍ୟ ତଥା ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଧର୍ମପତ୍ନୀ ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ନବବର୍ଷର ଶୁଭେଚ୍ଛା ଜ୍ଞାପନ ସହ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଖବରକାଗଜ ବିତରକ ଓ ଯାତ୍ରୀ ସହାୟକଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟ ସାମଲ, ଘନଶ୍ୟାମ ଗିରି, ରବିନାରାୟଣ ପାଣିଗ୍ରାହୀ, କାଉନସିଲର ସଞ୍ଜୀବ ଦାସ, ଦେବାଶିଷ ସିଂ, ପ୍ରୀତିଲତା ସେଠୀ, ଯୁବନେତା ଭାଗବତ ସାହୁ, ଶାନ୍ତନୁ ଦାସ, ଶୁଭେନ୍ଦୁ ମଙ୍ଗରାଜ, ସିମନ ଦାସ ମହାପାତ୍ର, ତାପସ ପାଣିଗ୍ରାହୀ, ଅସିତ୍ ଦାସ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ଇନ୍ତେଖାବ ଅଲ୍ଲୀ ଖାଁ, ରୋଜି ପଟ୍ଟନାୟକ, ମିନତୀ ସେଠୀ, ଆଶ୍ରିତା ତରେଇ, ସୋନାଲି ସାହା ଓ ହରପ୍ରିୟା ରଣା ପ୍ରମୁଖ ଉପସ୍ଥିତ ଥିଲେ।




ଫାଉଣ୍ଡେଶନ ମୁଖ୍ୟ ଉଦ୍‌ବୋଧନ ଦେଉଛନ୍ତି।

# 'ଅଗ୍ରସର ଛାତ୍ରୀଛାତ୍ର ସମାଜର ଟେକ ରଖନ୍ତି'



ଅତିଥିମାନଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

ସିମୁଳିଆ, ୯।୧(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଡା ପଞ୍ଚାୟତ ଅଧୀନ ହଳିସୋ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଭାଗିରଥି ଶିଅଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଓସେପାର ପ୍ରାକ୍ତନ ନିର୍ଦ୍ଦେଶକ କାର୍ତ୍ତିକ ଦାସ ଯୋଗ ଦେଇ ଅଗ୍ରସର ଛାତ୍ରୀଛାତ୍ରମାନେ ସମାଜର ଟେକ ରଖନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ସିଆରସିସି ପ୍ରଶାନ୍ତ କୁମାର ବାରିକ, ଅବସର ଶିକ୍ଷକ କୃପାସିନ୍ଧୁ ବେହେରା, ଜଗନ୍ନାଥ ବିଶ୍ୱାଳ, ଖବରଦାତା ନିରଞ୍ଜନ ବେହେରା, ବିଦ୍ୟାଳୟ ସଭାପତି ମୂରଲୀଧର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷାର ଗୁଣାବତ୍ତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୧୪ରୁ ଭୀମେଶ୍ୱର ମକର ମହୋତ୍ସବ

ରେମୁଣା, ୯।୧(ରବୀନ୍ଦ୍ର ମହାକୁଡ଼): ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତ ଅଧୀନ ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କଠାରେ ମକର ମହୋତ୍ସବ ଆସନ୍ତା ୧୪ ତାରିଖରେ ଉଦ୍‌ଘାଟିତ ହେବ। ଏହି ମେଳା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ ସଭା, ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବକାସୁର ପୋଡି ମଧ୍ୟ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ମୁଖ୍ୟ ଉପଦେଷ୍ଟା ଡ. ଭାଗବତ ପ୍ରସାଦ ଦାସ, ବସନ୍ତ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତୁଲ୍ୟ ଦାସ, ଅମୂଲ୍ୟ ଦାସ, ତାପସ ରଥ, ଚିନ୍ମୟ ରଥ, ବିଶ୍ୱପ୍ରସିଦ୍ଧ ଦାସ, ବେଣୁଧର କର ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ। ଜୟକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ।

# ବିଶ୍ୱନାଥ ଏକାଡେମୀର ବାର୍ଷିକ ଉତ୍ସବ

ଲକ୍ଷ୍ମଣନାଥ, ୯।୧(ସତ୍ୟରଞ୍ଜନ ପ୍ରଧାନ)

ସର୍ବପୁରାତନ ବିଶ୍ୱନାଥ ଏକାଡେମୀ ଜମାଲପୁରରେ ସ୍ଥାପିତ ହୋଇଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହାରଲେଟ ଡେଭିଡ ମହାନ୍ତଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଜୟ କୁମାର ଦାସ, ମୁଖ୍ୟବକ୍ତା ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନବୀନ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ରା.ରା.ପୁର ସରପଞ୍ଚ ଶୁଭସ୍ମିତା ଦାସ, ସାମାଜିକ କର୍ମୀ ଦିଲ୍ଲୀପ କୁମାର ଗିରି, ଆଇନଜୀବୀ ରାମଚନ୍ଦ୍ର ଜେନା, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଖଗେନ୍ଦ୍ର ନାଥ ସାହୁ, ସାମାଜିକ କର୍ମୀ ବିଶ୍ୱନାଥ ଦାସମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

**ବିଦ୍ୟାଳୟରେ ଫଳକ ପଡ଼ି ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ) /କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୯।୧

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ବଡ଼ାଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଅପରାହ୍ଣରେ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରଙ୍କ ଉପରେ ଇଟାରେ ନିର୍ମିତ ଆମ ଓଡ଼ିଶା ନବୀନ ଓଡିଶା ପ୍ରକଳ୍ପର ଫଳକ ଭୁଶୁଡି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ କେନ୍ଦୁଆଡ଼ିଆ ଗ୍ରାମର ଶତାଧିକ ମହିଳା ପୁରୁଷ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ପୂର୍ବାହ୍ଣ ୯ଟାରୁ ବଡ଼ାଶ ଜାମକୁଣ୍ଡା ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ, ଭାଜପା ନେତା ରବୀନ୍ଦ୍ରନାଥ ଅଣ୍ଡିଆ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ଗ୍ରାମବାସୀ ମୃତ ଛାତ୍ରଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ପାଇଁ ଦାବି କରି ଅଡ଼ି ବସିଥିଲେ। ପରେ ତହସିଲଦାର ନାୟକ ରେଡକ୍ରସରୁ ୧୦ ହଜାର ଟଙ୍କା, ନିଜେ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ସହିତ ସରକାରଙ୍କ ଗାଇଡଲାଇନ ଅନୁସାରେ ସମସ୍ତ ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟିଥିଲେ।

ବଡାଶ ପ୍ରାଥମିକ ବିଦ୍ୟାଳୟରେ କେନ୍ଦୁଆଡ଼ିଆ ଗ୍ରାମର ପ୍ରମୋଦ ଧଳଙ୍କ ପଞ୍ଚମ ଶ୍ରେଣୀରେ ପଢୁଥିବା ପୁତ୍ର ପ୍ରହ୍ଲାଦ ଧଳ ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ତାଙ୍କ ଉପରେ ପ୍ରକଳ୍ପର ଫଳକ ଭୁଶୁଡି ପଡ଼ିବାରୁ ସେ ଗୁରୁତର ହୋଇଥିଲା। ପ୍ରଧାନ ଶିକ୍ଷକ ଗୁରୁତର ଛାତ୍ରଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରିବା ସହିତ ତାଙ୍କ ମାତାପିତାଙ୍କୁ ଖବର ଦେଇଥିଲେ। ସନ୍ଧ୍ୟାରେ ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ଛାତ୍ରଙ୍କ ପିତା ଏହି ଘଟଣା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଁ ଦାୟୀ ବୋଲି ଦାବି କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।



ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

# 'କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ସିଷ୍ଟମ୍‌ର ଉଦୟମାନ ପ୍ରବଣତା'

**ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ**

ବାଲେଶ୍ୱର, ୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀ 'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ସିଷ୍ଟମ୍‌ର ଉଦୟମାନ ପ୍ରବଣତା' ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମିଳନୀରେ ସାରାଦେଶରୁ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍, ଗବେଷକ, ଶିଳ୍ପ ଜଗତର ବିଶେଷଜ୍ଞ ଓ ଗବେଷଣା ଛାତ୍ରୀଛାତ୍ର ଯୋଗଦେଇ କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ପ୍ରଯୁକ୍ତିର ଦ୍ରୁତ ପରିବର୍ତ୍ତନଶୀଳ କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଆଇ ଆଧାରିତ ପ୍ରଯୁକ୍ତି ଜ୍ଞାନ ପରିବେଶକୁ ପୁନଃ ନିର୍ଦ୍ଧାରିତ କରୁଥିବା ବେଳେ ତାହାର ସୁବ୍ୟବହାର ଓ ଦୁର୍ବ୍ୟବହାର, ନୀତିଗତ, ସମାବେଶୀ ଓ ସାମାଜିକ ଦାୟିତ୍ୱବୋଧ ସହିତ ହେବା ଆବଶ୍ୟକ, ଯାହା ସୁସ୍ଥାୟୀ ଓ ସମତାମୂଳକ ବିକାଶକୁ ସୁନିଶ୍ଚିତ କରିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଆଇସି ଭୁବନେଶ୍ୱରର ଉପ-ମହାନିର୍ଦ୍ଦେଶକ ଓ ଅତିରିକ୍ତ ରାଜ୍ୟ ସୂଚନା ଅଧିକାରୀ ଡ. ପବିତ୍ରାନନ୍ଦ ପଟ୍ଟନାୟକ ଯୋଗଦେଇ ଭିଜୁଆଲ୍ ଉପସ୍ଥାପନ ମାଧ୍ୟମରେ ସାର୍ବଜନୀନ ସେବା ପ୍ରଦାନ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଢାଞ୍ଚାରେ ଏଆଇ ସକ୍ଷମ ଡିଜିଟାଲ୍ ସିଷ୍ଟମ୍‌ର ବଢୁଥିବା ଗୁରୁତ୍ୱକୁ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ପଶ୍ଚିମବଙ୍ଗସ୍ଥିତ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ, ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ଅନିର୍ବାଣ ମୁଖୋପାଧ୍ୟାୟ ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଓ ସୂଚନା ବିଜ୍ଞାନ ବିଭାଗର ଡିନ୍ ପ୍ରଫେସର ଶିବ. କେ. ଉଦ୍‌ଗାତା ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ସିଷ୍ଟମ୍‌ର ଆଧୁନିକ ଗବେଷଣା ଚ୍ୟାଲେଞ୍ଜ, ନୂତନ ପଦ୍ଧତି ଓ ଭବିଷ୍ୟତ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀର ସଂଯୋଜକ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଡ. ମିନତୀ ମିଶ୍ର, ଆୟୋଜନ ସଚିବ ଡ. ମନସ୍ୱିନୀ ପ୍ରଧାନ ଉପସ୍ଥିତ ଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥି, ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞ।

# ଶୀତ ଲହରି: ପ୍ରଶାସନ ଡାକିଲା ଜରୁରୀ ବୈଠକ

ବାରିପଦା,୯।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲାରେ ପାରଦ ନିମ୍ନଗାମୀ ହେବା ସହ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଶୀତ ଓ କୁହୁଡ଼ିକୁ ନେଇ ଜିଲାର ବର୍ତ୍ତମାନ ସ୍ଥିତି ଉପରେ ଜିଲାପାଳ ସମୀକ୍ଷା କରିଛନ୍ତି । ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ବିଡିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଜରୁରୀକାଳୀନ ଅଧିକାରିଣୀ ପ୍ରମୁଖ ଯୋଗଦେଇ ସେମାନଙ୍କ ଦ୍ୱାରା ନିଆଯାଇଥିବା ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅଦ୍ୟାବଧି ଜିଲାର ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ଥିବାରୁ ଜିଲାପାଳ ସୟ ସନ୍ତୋଷ ବ୍ୟକ୍ତ କରିଥିଲେ।

ସମ୍ଭାବ୍ୟ ପାଗ ପରିବର୍ତ୍ତନକୁ ଲକ୍ଷ୍ୟରେ ରଖି ବୈଠକରେ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲାରେ ଯେପରି କୌଣସି ବ୍ୟକ୍ତି ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନ ନିଅନ୍ତି ତାହାକୁ ସୁନିଶ୍ଚିତ କରିବା ପାଇଁ ପରିସରଭୁକ୍ତ ଅଧିକାରୀ ସିଭିଲ ସୋସାଇଟି ସହ ମିଳିତ ସମନ୍ୱୟରେ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର, କମ୍ୟୁନିଟି ହଲ, ସ୍କୁଲ ଗୃହ, ସରକାରୀ ଗୃହ ଇତ୍ୟାଦି ଉପଯୁକ୍ତ ସ୍ଥାନରେ ରାତ୍ରିପଯାପନ ସହ ଖାଦ୍ୟପେୟର ବ୍ୟବସ୍ଥା କରିବେ । ଆବଶ୍ୟକ ସ୍ଥଳେ ରେଡକ୍ରସ ପାଣ୍ଠି ସହାୟତାରେ ସେମାନଙ୍କୁ କମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ। ସେହିପରି ବିଡିଓମାନେ ଶୀତ ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପିଇଓମାନଙ୍କୁ ନିର୍ଦ୍ଦେଶ ଦେବେ। ଏତଦବ୍ୟତୀତ ଶିମିଳିପାଳ ପାଦଦେଶ ଜନବସତି ଅଞ୍ଚଳରେ ବ୍ୟାପକ ସତର୍କ ନଜର ରଖିବାକୁ ତତ୍ ସଂଲଗ୍ନ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବିଦ୍ୟାଳୟ ତଥା ଛାତ୍ରାବାସ ପରିସରରେ ପିଲାମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଯେମିତି ନିଆଁ ନ ଲଗାନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାପାଇଁ ସମ୍ପୃକ୍ତ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୌଣସି ପ୍ରକାର ଆକସ୍ମିକ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ ସାମ୍ନା କରିବାପାଇଁ ସମସ୍ତ ପ୍ରକାର ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ଅଗ୍ନିଶମ ସେବା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋପରି ଜିଲାରେ ଶୀତ ପ୍ରକୋପ ଜନିତ ଯେମିତି କୌଣସି ଲୋକର ମୃତ୍ୟୁ ନ ହୁଏ ସେଥିପ୍ରତି ସତର୍କ ରହିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦବ୍ୟତୀତ ଅତ୍ୟଧିକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଯଦି ଘର ମାନଙ୍କରେ କୌଣସି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଛନ୍ତି ତେବେ ଏଗୁଡିକ ବ୍ୟବହାର ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି ।

# ଭାଗନେବେ ମୟୂରଭଞ୍ଜର ଅର୍ଜୁନ

## ଜାତୀୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ

ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ତେଲେଙ୍ଗାନାଠାରେ ଅନୁଷ୍ଠିତ ହେବାକୁ ଥିବା ୫୮ତମ ବରିଷ୍ଠ ଜାତୀୟ ଖୋ ଖୋ ଚାମ୍ପିୟନସିପରେ ଅଂଶଗ୍ରହଣ କରୁଥିବା ଓଡ଼ିଶା ଦଳରେ ମୟୂରଭଞ୍ଜର ଅର୍ଜୁନ ସିଂ ସ୍ଥାନ ପାଇଛନ୍ତି। ଏହି ଚାମ୍ପିୟନସିପ ତେଲେଙ୍ଗାନାର କାଜିପେଟ ରେଲୱେ ପଡ଼ିଆରେ ଚଳିତ ମାସ ୧୧ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ତରଫରୁ ପୁରୀସ୍ଥିତ ଜଗନ୍ନାଥ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଅର୍ଜୁନ ଏହି ସଫଳତା ଅର୍ଜନ କରିଛନ୍ତି। ବଡ଼ସାହି ବ୍ଲୁ ଖୋ ଖୋ କ୍ଲବରେ କୋଚ ଧର୍ମେନ୍ଦ୍ର ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ରାଜ୍ୟ ଦଳରେ ସୁଯୋଗ ପାଇଛନ୍ତି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି। ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ମହୁଲକରକଟିଆ ଗ୍ରାମର ସୁଦାନ ସିଂ ଓ ବାସିନୀ ସିଂଙ୍କ ପୁତ୍ର ଅର୍ଜୁନ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ଖବର ପାଇ ଜିଲାପାଳ ହେମକାନ୍ତ ସୟ, ଜିଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ସଫଳତା କାମନା କରିଛନ୍ତି।

# ଟୋଲ୍ ଅର୍ଥ ଆଦାୟକୁ ନେଇ ଜନସ୍ୱାର୍ଥ ମାମଲା

ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ୪୯ନଂ ଜାତୀୟ ରାଜପଥରେ ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ଚଳପ୍ରଚଳ ମଧ୍ୟରେ ଅବୈଧ ଟୋଲ ସଂଗ୍ରହକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ରୁଜୁ ହୋଇଛି। ଝାଡ଼ପୋଖରିଆ ଟୋଲ ପ୍ଲାଜାରେ ଇଚ୍ଛାଧୀନ ଟୋଲ ସଂଗ୍ରହକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଆକାଶ ଶର୍ମା ଏକ ଜନସ୍ୱାର୍ଥ ମୋକଦ୍ଦମା ଡବ୍ଲ୍ୟୁପି(ସି) ନମ୍ବର ୧୧୫/୨୦୨୫) ଦାଖଲ କରିଛନ୍ତି। ଯେଉଁଥିରେ ଦ୍ୱାରଶୁଣୀ ଘାଟି ରାସ୍ତା ବିପଦପୂର୍ଣ୍ଣ ଓ ଅଯୋଗ୍ୟ ହୋଇ ରହିଥିବାବେଳେ ଟୋଲ ସଂଗ୍ରହ ଜାରି ରଖିବା ଅବୈଧ ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ, ୨୦୧୮ ଠାରୁ ଜାତୀୟ ରାଜପଥ-୪୯ର ଦ୍ୱାରଶୁଣୀ ଘାଟି ରାସ୍ତା ବିପଦପୂର୍ଣ୍ଣ ରହିଛି । ଖାଲଖମା ସହିତ ଅଣଓସାରିଆ ରାସ୍ତା ଏବଂ ବିପଦଜନକ ଅଙ୍କାବଙ୍କା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଉପଲବ୍ଧ ରେକର୍ଡ ଓ ମିଡିଆ ରିପୋର୍ଟ ଅନୁଯାୟୀ ବିଶୋଇ-ବାଙ୍ଗିରିପୋଷି (ଦ୍ୱାରଶୁଣୀ ଘାଟି) ରାସ୍ତାର ଏହି ଅବଧିରେ ୫୦୦ରୁ ଅଧିକ ଦୁର୍ଘଟଣା ଓ ୧୦୦ରୁ ଅଧିକ ମୃତ୍ୟୁ ଘଟିଛି । ଏହି ରାସ୍ତାରେ ଦୈନିକ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି ଏବଂ ଜରୁରୀକାଳୀନ ସେବାକୁ ଗମ୍ଭୀର ଭାବେ ପ୍ରଭାବିତ କରୁଛି । ଏପରି ପରିସ୍ଥିତିରେ ଟୋଲ ସଂଗ୍ରହ ଅବୈଧ ଏବଂ ଅସାମ୍ବିଧାନିକ ଅଟେ ବୋଲି ଅଭିଯୋଗକାରୀ ଆଇନଜୀବୀ ଶର୍ମା ମୋକଦ୍ଦମାରେ ଦର୍ଶାଇଛନ୍ତି । ଏହା ନ୍ୟାଶନାଲ ହାଇୱେ ଫି (ଡିଟରମିନେସନ ଅଫ ରେଟ୍ସ ଆଣ୍ଡ କଲେକ୍ସନ) ରୁଲ୍ସ ୨୦୦୮ର ନିୟମ ୩(୧) ସହ ନିୟମ ୬, ନ୍ୟାଶନାଲ ହାଇୱେ ଆକ୍ଟ ୧୯୫୬ ଏବଂ ଭାରତ ସଂବିଧାନର ଅନୁଚ୍ଛେଦ ୧୪, ୨୧ ଓ ୨୬୫କୁ ଉଲ୍ଲଙ୍ଘନ କରୁଛି । ଯେତେବେଳେ ହାଇୱେ ସୁରକ୍ଷିତ, ନିରବଚ୍ଛିନ୍ନ ଏବଂ ଯାତାୟତ ଯୋଗ୍ୟ ହୋଇଥାଏ, ସେତେବେଳେ ହିଁ ଟୋଲ ସଂଗ୍ରହ କରାଯାଇପାରିବ ବୋଲି ଯୁକ୍ତିରେ ଦିଆଯାଇଛି। ଏହି ମାମଲାରେ ସ୍ପଷ୍ଟ କରାଯାଇଛି ଯେ, ଦ୍ୱାରଶୁଣୀ ଘାଟି ଅଂଶର ମରାମତି ଓ ପ୍ରଶସ୍ତୀକରଣ ସମ୍ପର୍କିତ ଏକ ପୂର୍ବ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି । କିନ୍ତୁ ବର୍ତ୍ତମାନର ମୋକଦ୍ଦମା ଏକ ଭିନ୍ନ ଓ ସ୍ୱତନ୍ତ୍ର ପ୍ରସଙ୍ଗ ଉଠାଇଛି ଯାହା ରାସ୍ତା ଅଯୋଗ୍ୟ ଓ ବିପଦପୂର୍ଣ୍ଣ ଥିବାବେଳେ ଟୋଲ ସଂଗ୍ରହ ଜାରି ରଖାଯାଇଛି । ତେବେ ଏନେଇ ୨୦୨୫ ଡିସେମ୍ବର ୧ରେ ଏନଏଚଏଆଇର ପ୍ରୋଜେକ୍ଟ ଡାଇରେକ୍ଟର (ପିଆଇୟୁ ଚଣ୍ଡିଖୋଲ) ସ୍ୱୀକାର କରିଛନ୍ତି ଯେ, ବାଙ୍ଗିରିପୋଷି-ଦ୍ୱାରଶୁଣୀ ଘାଟି ଅଂଶର ପ୍ରଶସ୍ତୀକରଣ କାର୍ଯ୍ୟ ୨୨ ନଭେମ୍ବର ୨୦୨୭ ସୁଦ୍ଧା ଶେଷ କରିବା ପାଇଁ ଠିକାଦାରଙ୍କ ସହ ଚୁକ୍ତିନାମା କରାଯାଇଛି। ଏହି ସ୍ୱୀକାରୋକ୍ତି ସତ୍ତ୍ୱେ ଯାତ୍ରୀଙ୍କଠାରୁ ପୂରା ଟୋଲ ସଂଗ୍ରହ ଜାରି ରହିଛି। ମୋକଦ୍ଦମାରେ ନ୍ୟାୟିକ ନଜିର ଉପରେ ନିର୍ଭର କରି ଯୁକ୍ତି ଦିଆଯାଇଛି ଯେ, ନାଗରିକଙ୍କୁ ଅସୁରକ୍ଷିତ ଓ ଗର୍ତ୍ତପୂର୍ଣ୍ଣ ହାଇୱେ ପାଇଁ ଟୋଲ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ହାଇକୋର୍ଟଙ୍କର ରାସ୍ତା ପୂରା ସୁରକ୍ଷିତ ଓ ଯାତାୟତଯୋଗ୍ୟ ନ ହେବା ଯାଏଁ ଅବୈଧ ଟୋଲ ସଂଗ୍ରହ ରୋକିବାକୁ ଉଚିତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଛି ।

# ଏକଜୁଟ ହେଲା ଛାତ୍ର ସଙ୍ଗଠନ

## ଛାତ୍ରଙ୍କୁ ଥାନାରେ ନିର୍ଯାତନା ଦେବା ଘଟଣା



ଛାତ୍ରମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୋରଡ଼ା/ ରାସଗୋବିନ୍ଦପୁର,୯।୧
(ସ୍ମାରକ ମାଜୀ /ସତ୍ୟବାଦୀ ପରିଡ଼ା)

ଗତ ଡିସେମ୍ବର ୨୫ ତାରିଖରେ ମୋରଡା ଥାନାରେ ପୋଲିସ ଜଣେ ଛାତ୍ରଙ୍କୁ ନିର୍ଯାତନା ଦେଇଥିବା ଘଟଣାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଉକ୍ତ ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତଦନ୍ତ ଆଳରେ ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ରାତିରେ ଥାନାକୁ ଡାକି ଏଏସଆଇ ନିରାକାର ପ୍ରଧାନ ଏବଂ ଏସଆଇ ନିବେଦିତା ନାଏକ ଧମକ ଚମକ ଦେବା ସହିତ ମାଡ଼ ମାରିଥିଲେ ଏବଂ ଅଶାଳୀନ ବ୍ୟବହାର କରିଥିଲେ। ଗଣତାନ୍ତ୍ରିକ ଦେଶରେ ଜଣେ ଛାତ୍ରଙ୍କୁ ଏଭଳି ଶାରୀରିକ ନିର୍ଯାତନା ଦେବା ଏକ ସମ୍ବେଦନଶୀଳ ଘଟଣା, ଯାହାକୁ ଛାତ୍ର ସଂଗଠନ ନିନ୍ଦା କରିବା ସହିତ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ସୁଶାନ୍ତଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ରର ଏକ ଅବିକଳ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର,ପୋଲିସ ଡିଜି,ମୟୂରଭଞ୍ଜ ଏସପି,ବାରିପଦା ଉପ ଜିଲାପାଳ,ରାସଗୋବିନ୍ଦପୁର ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ରୟାଲ୍ସ ପ୍ରିମିୟର ଲିଗ୍: ୭ମ ଦିନରେ ଖେଳାହେଲା ୪ ମ୍ୟାଚ

ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଷ୍ଟେଶନ ଆଥେଲେଟିକ ଆସୋସିଏସନ ବାରିପଦା ଆନୁକୂଲ୍ୟରେ ଆୟୋଜିତ ଏକାଦଶ ବାର୍ଷିକ ରୟାଲ୍ସ ପ୍ରିମିୟର ଲିଗର ୭ମ ଦିନରେ ମଧ୍ୟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୁବ ନେତା ଦେବବ୍ରତ ସାମଲ ଓ ସମ୍ମାନିତ ଅତିଥି ଭାବେ ଭଞ୍ଜସେନା ସଂଯୋଜକ ରାକେଶ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେଶନ ଆଥଲେଟିକ ଆସୋସିଏସନର ଉପ ସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ମା' ତାରିଣୀ ୱରିୟାର୍ସ ୫ ଉଇକେଟରେ ପରି ଚାଲେଞ୍ଜର ଦଳକୁ ପରାସ୍ତ କରିଥିଲା। ଅମିତ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨ୟ ମ୍ୟାଚରେ ଆଞ୍ଜୋଲ ରଣା ୮ ଉଇକେଟରେ ଏମରଜିଙ୍ଗ ଟାଇଟନ ଦଳକୁ ପରାସ୍ତ କରିଥିଲା । ହେମନ୍ତ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ୩ୟ ମ୍ୟାଚରେ ଥ୍ରୀଲର ଦଳ ୧୪ ରନରେ ମା ଅମ୍ବିକା ସୁପର ସ୍ମାସରସ ଦଳକୁ ପରାସ୍ତ କରିଥିଲା । ଦେବାଶିଷ ଆଚାର୍ଯ୍ୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ୪ର୍ଥ ମ୍ୟାଚରେ ଭି ରୋର ୭୨ ରନରେ ଜଗନ୍ନାଥ ୱରିୟାର୍ସ ଦଳକୁ ପରାସ୍ତ କରିଥିଲା ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଠାକୁରମୁଣ୍ଡା,୯।୧(ତାରାକାନ୍ତ ପଟ୍ଟନାୟକ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ପିଲାଙ୍କୁ ବଡ଼ ସ୍ୱପ୍ନ ଦେଖିବା ସହିତ ତାକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଡେପୁଟି କଲେକ୍ଟର ବେଦବ୍ୟାସ ଭୋଇ ଓ ବିକାଶ ବେଶ୍ରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, କରଞ୍ଜିଆ ଆଇଟିଡିଏ, ବାରିପଦା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ସପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ, ଜେପିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ଉଦ୍ୟାନବିତ ପ୍ରିୟବ୍ରତ ସିଂ, ଅବସରପ୍ରାପ୍ତ ବିଇଓ ଭାଗ୍ୟରଥି ମହାନ୍ତି, ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ କୁମାର ତ୍ରିପାଠୀ, ଡବ୍ଲ୍ୟୁଇଓ ରାକେଶ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ତରଣୀସେନ ମହାନ୍ତ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ସଚିନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନଛୁଆଁ ହୋଇଥିଲା।

# ରାଡ଼ୋ ପ୍ରିମିୟର ଲିଗ୍: ଜିଟି ଫାଇଟର ବିଜୟୀ

ଉଦଳା,୯।୧(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ରାଡ଼ୋ ପ୍ରିମିୟର ଲିଗ ସିଜିନ-୨ ର ଶୁକ୍ରବାର ଥିଲା ଷଷ୍ଠ ଦିନର ମ୍ୟାଚ। ରାଡ଼ୋ ବଜରଙ୍ଗବାଲି କ୍ରିକେଟ କ୍ଲବ ପକ୍ଷରୁ ଏହି ପ୍ରିମିୟର ଲିଗ ଆୟୋଜିତ ହେଉଥିବା ବେଳେ ଏହା ୪ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖରେ ଶେଷ ହେବ। ଷଷ୍ଠ ଦିନର ପ୍ରଥମ ମ୍ୟାଚ ତ୍ରିଶକ୍ତି ଫାଇଟର ଏବଂ ଯଶସୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯଶସୀ ପ୍ରଥମେ ବ୍ୟାଟିଂ କରି ୧୨୫ ରନ କରିଥିବା ବେଳେ ତ୍ରିଶକ୍ତି ଫାଇଟର ୧୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ମ୍ୟାଚ ଜିଟି ଫାଇଟର ଏବଂ ମହାବୀର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାବୀର ଫାଇଟର ବ୍ୟାଟିଂ କରି ୧୫ ଓଭରରେ ୧୯୯ ରନ ର ଟାର୍ଗେଟ ଦେଇଥିଲା ଜିଟି ଫାଇଟରକୁ । ତେବେ ଜିଟି ଫାଇଟର ୧୩ ଓଭର ୪ଟି ବଲରେ ୨୦୪ ରନ କରି ବିଜୟୀ ହୋଇଥିଲା। ଜିଟି ଫାଇଟର ଟିମ ପକ୍ଷରୁ ଆମରଜିତ ତ୍ରିପାଠୀ ୨୪ ବଲରେ ୫୩ ରନ, ଜ୍ଞାନରଞ୍ଜନ ମାଝୀ ୨୬ବଲରେ ୪୮ ରନ କରିଥିଲେ। ଜିଟି ଫାଇଟରର ଅମରଜିତ ତ୍ରିପାଠୀଙ୍କୁ ମ୍ୟାନ ଅଫ ଦିମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ମୃତିରଞ୍ଜନ ତ୍ରିପାଠୀ ଧାରା ବିବରଣୀ ଦେଇଥିବା ବେଳେ ଖେଳ ପରିଚାଳନା ଦାୟିତ୍ୱ ର ଥିଲେ ରାଜେନ୍ଦ୍ର ପାତ୍ର ଏବଂ ତୃପ୍ତି ସୁନ୍ଦର ପାଢ଼ୀ।

# ଅମର୍ଦା ଏୟାରଷ୍ଟ୍ରିପ୍ ଜମି ଅଧିଗ୍ରହଣକୁ ନେଇ ସ୍ୱତନ୍ତ୍ର ଗ୍ରାମସଭା

## ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ପ୍ରଶାସନ

ମୋରଡ଼ା,୯।୧(ସ୍ମାରକ ମାଜୀ)




ଗ୍ରାମସଭାରେ ଉପସ୍ଥିତ ଅତିଥିମାନେ।

ଅମର୍ଦା ଏୟାରଷ୍ଟ୍ରିପକୁ ନେଇ ଜମି ଅଧିଗ୍ରହଣ ନିମନ୍ତେ ଏକ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତର ବେଣାପାଟିଆ ପାଣି ଟାଙ୍କି ନିକଟ ପଡିଆରେ ବହୁ ବାଦ ବିବାଦରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମସଭାରେ ମୟୂରଭଞ୍ଜ ଉପଜିଲାପାଳ ଦୟାସିନ୍ଧୁ ପରିଡା, ମୋରଡା ବିଡ଼ିଓ ଅଣାକର ନାଏକ, ଅବସରପ୍ରାପ୍ତ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଧଡ଼ାସାହି ସରପଞ୍ଚ ତିଲକା ହାଁସଦା ପ୍ରମୁଖଙ୍କ ଉପସ୍ଥିତିରେ ଧଡ଼ାସାହି ପଞ୍ଚାୟତର ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ। ଜମି ଅଧିଗ୍ରହଣକୁ କେତେ ଲୋକେ ସମର୍ଥନ କରୁଛନ୍ତି ପ୍ରଶାସନ ଲୋକଙ୍କୁ ହାତ ଟେକିବାକୁ କହି ଉକ୍ତ ବୈଠକ ସାରି ଦେଇଥିଲା, ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୋକଙ୍କ ଅଭିଯୋଗ ମଧ୍ୟ ପ୍ରଶାସନ ଶୁଣି ନ ଥିଲା। ଅଭିଯୋଗ ମୁତାବକ, ୧୯୪୬ରୁ ସ୍ଥାନୀୟ ଲୋକଙ୍କ ଜାଗାରେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ଉଡ଼ା ଜାହାଜ ଅବତରଣ କେନ୍ଦ୍ର ସ୍ଥାପିତ ହୋଇଥିବା ବେଳେ ଏବାବଦକୁ ଲୋକେ ବାର୍ଷିକ କ୍ଷତି ପୂରଣ ମଧ୍ୟ ପାଇବେ ବୋଲି ଜମି ପଟ୍ଟାରେ ଉଲ୍ଲେଖ ରହିଛି। ମାତ୍ର ବହୁ ବର୍ଷ ଧରି ଲୋକେ କ୍ଷତିପୂରଣ ପାଇନାହାନ୍ତି। କିନ୍ତୁ ପ୍ରଶାସନ ମନ ଇଚ୍ଛା ଭାବେ ଗ୍ରାମସଭା ଅନୁଷ୍ଠିତ କରୁଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଏୟାରଷ୍ଟ୍ରିପର ପୁନରୁଦ୍ଧାର ନିମନ୍ତେ ପୂର୍ବରୁ ବହୁ ରାଜନୈତିକ ଦଳ, ସଂଗଠନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦାବି କରି ଆସୁଥିଲେ। ବର୍ତ୍ତମାନର ମୋରଡା ବିଧାୟକ ତଥା ଗୃହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରଚେଷ୍ଟା ଚଳାଇଥିବା ବେଳେ ଲୋକଙ୍କ ସହିତ ପ୍ରଶାସନର ସୁସମ୍ପର୍କ ନ ଯୋଡିବା ଉକ୍ତ ଏୟାରଷ୍ଟ୍ରିପର ପୁନଃରୁଦ୍ଧାର କାର୍ଯ୍ୟକୁ ଭିନ୍ନଦିଗକୁ ଟାଣି ହେଇ ଯାଉଥିବା ଦେଖିବାକୁ ମିଳିଛି। ପ୍ରଶାସନର ଏଭଳି ନୀତିକୁ ନେଇ ମୋରଡା, ରାସଗୋବିନ୍ଦପୁର ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଉପଜିଲାପାଳ ଦୟାସିନ୍ଧୁ ପରିଡାଙ୍କୁ ପଚାରିବାରୁ ଉପସ୍ଥିତ ଲୋକଙ୍କ ମତାମତ ନିଆଯାଇଥିଲା ଏବଂ ୯୦ ପ୍ରତିଶତ ଲୋକେ ଏହାକୁ ସମର୍ଥନ କରିଛନ୍ତି ବୋଲି କହିଥିଲେ। ତେବେ ଉକ୍ତ ସଭାକୁ ବିରୋଧ କରାଯାଉଛି ବୋଲି ଏକ ଦାବିପତ୍ର ମୋରଡା ବିଡିଓ ଅଣାକର ନାଏକଙ୍କୁ ସରପଞ୍ଚ ତିଲକା ହାଁସଦାଙ୍କ ଜରିଆରେ ଗ୍ରାମବାସୀ ପ୍ରଦାନ କରିଛନ୍ତି।

**କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍**
CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

**ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି**

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ଦଟ୍ଟ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htps://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ 9, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (I ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ 9, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

# ପୋଲାଭରମ ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବୁ: ବିଜେଡି



ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଭୁବନେଶ୍ୱର,୯ା୧(ସୁଲିନ୍ ମିଶ୍ର) ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟର ଭାଜପା ସରକାର ମାଲକାନଗିରି ଲୋକଙ୍କ ପ୍ରତି ସମ୍ପୂର୍ଣ୍ଣ ଅସମ୍ବେଦନଶୀଳ ହୋଇଯାଇଛି। ପୋଲାଭରମ ପ୍ରକଳ୍ପ ପାଣିରେ ଅଧିକ ଜନବସତି ପରିବାର ଭାସିଯିବାକୁ ବସିଲେଣି ହେଲେ ଏଥିପାଇଁ ମୁଖ୍ୟମନ୍ତ୍ରୀ ନା ତାଙ୍କ ସରକାର ଚିନ୍ତିତ ହେଉନାହାନ୍ତି। ଏପରି ଦୁର୍ଭାଗ୍ୟଜନକ ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପ୍ରତିନିଧି ମଣ୍ଡଳୀ ୨୦୨୪ ଅଗଷ୍ଟରେ ମାଲକାନଗିରି ଜିଲ୍ଲାର ପ୍ରଭାବିତ ମୋଟୁ ଅଞ୍ଚଳ ଏବଂ ୨୦୨୪ ସେପ୍ଟେମ୍ବରରେ ପୋଲାଭରମ ପ୍ରକଳ୍ପ ପରିଦର୍ଶନ କରିଥିଲେ। ୨୦୨୪ ଡିସେମ୍ବର ଓ ୨୦୨୫ ଅଗଷ୍ଟରେ ଏହି ପ୍ରତିନିଧି ଦଳ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀଙ୍କ ସହ ଆଦିବାସୀ ଏବଂ ମାଲକାନଗିରି ପ୍ରଭାବିତ ଲୋକଙ୍କ ସମସ୍ୟା ଉଠାଇଥିଲେ। ଏହାସହ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ ଅନୁଯାୟୀ ବନ୍ୟାଜଳ ନିଷ୍କାସନ କ୍ଷମତା ୩୬ ଲକ୍ଷ କ୍ୟୁସେକ, ଡ୍ୟାମ୍ ଉଚ୍ଚତା ୧୪୦ ଫୁଟ୍ ଓ ବନ୍ୟାଜଳ ନିଷ୍କାସନ କ୍ଷମତା ୧୫୦ ଫୁଟ୍ ରହିଥିଲା। କୋଲାବ ପଏଣ୍ଟରେ ଯେଉଁଠାରେ ସାବେରୀ ଓ ସିଲେରୁ ନଦୀ ମିଶିଛନ୍ତି, ସେଠାରେ ସର୍ବାଧିକ ଜଳମଗ୍ନତା ସ୍ତର ୧୭୪.୨୨ ଫୁଟ୍ ରହିଥିଲା। କିନ୍ତୁ ୨୦୦୬ରେ ଓଡ଼ିଶା ସମେତ ପ୍ରଭାବିତ ରାଜ୍ୟଗୁଡ଼ିକ କୌଣସି ଆଲୋଚନା ନ କରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଥିଲା। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତାଙ୍କ ପତ୍ର ତାରିଖ ୦୮।୦୨।୨୦୧୪, ୨୩।୦୬।୨୦୧୫ ଓ ୨୦।୦୮।୨୦୧୬ ଦ୍ୱାରା ଷ୍ଟପ୍ ୱାର୍କ ଅର୍ଡରକୁ ପୁନର୍ବାର ସ୍ଥଗିତ ରଖିଥିଲେ, ଯେଉଁ ଓଡ଼ିଶା ଭୂଭାଗରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ କୌଣସି ସାର୍ବଜନୀନ ଶୁଣାଣି କରାଯାଇ ନ ଥିଲା। ଏହି ପ୍ରସଙ୍ଗ ଅନେକ ଥର ସଂସଦରେ ଉଠାଯାଇଛି ଓ ବିଭାଗୀୟ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କରାଯାଇଛି। ତଥାପି ସନ୍ତୋଷଜନକ ଉତ୍ତର ନ ମିଳିଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପାରଦର୍ଶିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ବିଜେଡି ଆଦିବାସୀ ଓ ମାଲକାନଗିରିର ଲୋକଙ୍କ ହିତରେ ଓଡ଼ିଶାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼ି ଚାଲିବ ବୋଲି ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର, ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ବିରୋଧୀ ହିଂସା ରୋକିବାରେ ସରକାର ଅସମର୍ଥ: ବିଜେଡି

ଭୁବନେଶ୍ୱର,୯ା୧(ସୁଲିନ୍ ମିଶ୍ର) ରାଜ୍ୟର ଉପମୁଖ୍ୟମନ୍ତ୍ରୀ ମହିଳା ବିରୋଧୀ ହିଂସା ରୋକିବାକୁ ରାଜ୍ୟ ସରକାର ଅସମର୍ଥ। ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଘୋଷଣା କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟର କନ୍ୟାମାନଙ୍କ ସୁରକ୍ଷା ପ୍ରଦାନରେ ସରକାର ପ୍ରାଥମିକତା ଦିଅନ୍ତୁ ବୋଲି ବିଜେଡି କହିଛି। ଏକ ପ୍ରେସ୍ ବିବୃତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅବତାର ଗ୍ରୁପ୍ ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ 'ଟପ୍ ସିଟିଜ୍ ଫର୍ ୱମେନ୍ ଇନ୍ ଇଣ୍ଡିଆ'ରେ ଓଡ଼ିଶାର କୌଣସି ସହର ଶ୍ରେଷ୍ଠ ୨୫ ସହର ତାଲିକାରେ ସ୍ଥାନ ପାଇନାହିଁ। ୩୪ତମ ସ୍ଥାନରେ ଭୁବନେଶ୍ୱର ରହିଥିଲା ବେଳେ ରାଉରକେଲା ୪୨ତମ ସ୍ଥାନରେ ରହିଛି। ରାଜ୍ୟର ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଜୀବନଜୀବିକା ସର୍ବୋପରି ସୁରକ୍ଷା ଓ ନିରାପତ୍ତା ଯୋଗାଇଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହିଳା ବିରୋଧୀ ହିଂସା ଲାଗି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ଓ ଅପମାନିତ ହୋଇଛି। ୧୫ ମାସରେ ରାଜ୍ୟରେ ୪୦,୯୪୭ ମହିଳା ବିରୋଧୀ ହିଂସା ସଙ୍ଗଠିତ ହୋଇଥିଲା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ବଳାତ୍କାର ଘଟିଛି। ଏହି ପରିସଂଖ୍ୟାନ ଖୋଦ୍ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଲିଖିତ ଭାବେ ଉପସ୍ଥାପନ କରିଛନ୍ତି। ଉକ୍ତ ପରିସଂଖ୍ୟାନ ଓ ରିପୋର୍ଟରୁ ସ୍ପଷ୍ଟ ବାରିହେଉଛି ଓଡ଼ିଶାରେ ନାରୀ ସୁରକ୍ଷିତ ନୁହନ୍ତି ବୋଲି ଲେନିନ୍ କହିଛନ୍ତି।

# ଗାଡ଼ି ଧକ୍କାରେ ଯୁବକ ମୃତ

ପଟାଙ୍ଗି,୯ା୧(ଶରତ କୁମାର ଧଳ) କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ଅଧୀନ କୁନ୍ଦୁଲିସ୍ଥିତ ଗୁରୁକୁଳ ଆଶ୍ରମ ନିକଟରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ପଟାଙ୍ଗି ବ୍ଲକ୍ ଦେଓପାଙ୍ଗି ପଞ୍ଚାୟତ ସଲପଗୁଡ଼ା ଗ୍ରାମର ଗଙ୍ଗାଧର ପାମିୟା। ସୂଚନାନୁଯାୟୀ, ଗୁରୁବାର ରାତିରେ ଗଙ୍ଗାଧର ଘରକୁ ଆସି ବାଇକ(ଓଡି-୧୦ଏଚ୍୨୦୬୮) ଯୋଗେ ସେମିଲିଗୁଡ଼ା ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛ ପଟରୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଟାଙ୍ଗି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଗଙ୍ଗାଧର ସେମିଲିଗୁଡ଼ାସ୍ଥିତ ଏକ କଲେଜର ଯୁକ୍ତ ୨ର ଦ୍ୱିତୀୟ ବର୍ଷ ଛାତ୍ର। ପଶ୍ଚାତ୍ ପଟାଙ୍ଗି ସମାଜସେବୀ ନରେନ୍ଦ୍ର ବଡ଼ନାୟକ ପଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ହେବା ନେଇ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଥମ ପୃଷ୍ଠାରୁ

### ଫୋନ୍ କଲେନି,...

ଉପରେ ୨୫% ଆମଦାନୀ ଶୁଳ୍କ କଷିଥିଲେ। ଏଥିସହ ରୁଷିଆଠାରୁ ଭାରତ ଶସ୍ତାରେ ତୈଳ କ୍ରୟ କରୁଥିବାରୁ ଅତିରିକ୍ତ ଭାବେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଫଳରେ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି, ଯାହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଛି। ଏତିକି ନୁହେଁ, ରୁଷୀୟ ତୈଳ କ୍ରୟ କରୁଥିବା ଭାରତର ସାମଗ୍ରୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ଅତିରିକ୍ତ ୫୦୦% ଟାରିଫ୍ ଲଗାଇବା ଉଦ୍ଦେଶ୍ୟରେ ରିପବ୍ଲିକାନ୍ ସିନେଟର ଲିଣ୍ଡ୍ସେ ଗ୍ରାହାମ୍ ଓ ଡେମୋକ୍ରାଟିକ୍ ସିନେଟର ରିଚାର୍ଡ ବ୍ଲୁମେନ୍ଥାଲ 'ସାଙ୍କଶନିଂ ରୁଷିଆ ଆକ୍ଟ, ୨୦୨୫' ଶୀର୍ଷକ ଏକ ଦ୍ୱିଦଳୀୟ ବିଧେୟକ ଆଗତ କରିଛନ୍ତି। ଟ୍ରମ୍ପ ଉକ୍ତ ବିଧେୟକକୁ ସବୁଜ ସଙ୍କେତ ଦେଇଥିବା ଲିଣ୍ଡ୍ସେ ସୂଚନା ଦେଇଛନ୍ତି। ଏଭଳି ସମୟରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଭୁଶୁଡ଼ିବା ପଛର କାରଣ ଲ୍ୟୁଟ୍‌ନିକ୍ ଉକ୍ତ ସାକ୍ଷାତ୍‌କାର ବେଳେ କହିଛନ୍ତି। ଟ୍ରମ୍ପ ସବୁବେଳେ ଚାହାନ୍ତି, ଯେଉଁ ଦେଶ ଆମେରିକା ସହ ଚୁକ୍ତି କରିବ, ପ୍ରଥମେ ତାକୁ ଆଲୋଚନାର ଟେବୁଲକୁ ଆସିବାକୁ ପଡ଼ିବ। ବ୍ରିଟେନ୍ ସହ ଡିଲ୍ ପରେ ପରବର୍ତ୍ତୀ ପାଳି କାହାର ବୋଲି ଟ୍ରମ୍ପଙ୍କୁ ସମସ୍ତେ ପ୍ରଶ୍ନ କରିଥିଲେ। ଟ୍ରମ୍ପ ଅନେକ ଦେଶର ନାମ କହିଥିଲେ। କିନ୍ତୁ ସେ ଭାରତ ବିଷୟରେ ସର୍ବସାଧାରଣରେ ବହୁବାର ଉଲ୍ଲେଖ କରିଥିଲେ। ସେତେବେଳେ ଆମେ ଭାରତ ସହ ଆଲୋଚନା କରୁଥିଲୁ। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। କିନ୍ତୁ ମୋଦି ଫୋନ୍ କରି ନ ଥିଲେ। ପରେ ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଭିଏତ୍‌ନାମ ସହ ଆମେରିକା ଟ୍ରେଡ୍ ଡିଲ୍ ଘୋଷଣା କରିଥିଲା।

ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ୟୁଏସ୍ କମର୍ସ ସେକ୍ରେଟାରିଙ୍କ ମନ୍ତବ୍ୟ ଭୁଲ୍। ଭାରତ ଓ ଆମେରିକା ଅନେକ ଥର ବାଣିଜ୍ୟ ଚୁକ୍ତି ସମ୍ପର୍କିତ ଆଲୋଚନା କରିଛନ୍ତି। ନୂଆଦିଲ୍ଲୀ ଏହାକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଗତବର୍ଷ ଫେବୃଆରୀ ୧୩ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପନ୍ନ କରିବା ପାଇଁ ଦୁଇଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ସେବେଠୁ ଉଭୟ ପକ୍ଷ ଏକ ସନ୍ତୁଳିତ ଓ ପରସ୍ପର ପାଇଁ ଲାଭଦାୟକ ହେବା ଭଳି ଚୁକ୍ତି ସମ୍ପନ୍ନ ନିମନ୍ତେ ଅନେକ ପର୍ଯ୍ୟାୟରେ ଆଲୋଚନା କରିଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ ବିବିଧ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ୨୦୨୫ରେ ୮ ଥର ଆଲୋଚନା କରିଛନ୍ତି। ତେଣୁ ମୋଦି ଫୋନ୍ କଲେ ନାହିଁ ବୋଲି ବାଣିଜ୍ୟ ଚୁକ୍ତି ହୋଇପାରିଲା ନାହିଁ କହିବା ଅଯୌକ୍ତିକ।


**GOVT. OF ODISHA, DEPARTMENT OF AGRICULTURE AND FARMERS EMPOWERMENT**
**OFFICE OF THE PROJECT DIRECTOR, WATERSHEDS, GANJAM, BERHAMPUR**
**AT/PO-BERHAMPUR, PIN-760004, Email id: pdws.ganjam@gmail.com**
No.L-161
**QUOTATION CALL NOTICE NO.01/2025-26**

| Sl.No. | Name of Work | Tender of Shelterbelt Cashew plantation of Golabandha range for the year 2025-26 | | | |
|---|---|---|---|---|---|
| | | Name of the Plantation | Total area in Hect. | Period of Tender | Harvesting Year |
| 1 | Tender of Cashew Plantation | Kirtipur | 119.35 | 01.03.2026 to 31.05.2026 | One Year |
| | | Markandi-I | 108.400 | | |
| | | Dankalpadu | 88.59 | 01.03.2026 to 31.05.2030 | Five Year |
| | | Eksing | 107.12 | | |
| | | Ramayapatna | 34.00 | | |
| | | Markandi-II | 22.41 | | |
| 2 | Cost of Tender Paper | 200/- | | | |
| 3 | Date and Time of availability of bid documents in the portal and office of the undersigned during office hours | 15.01.2026.10.00 AM | | | |
| 4 | Date and Time for receipt of bids | 15.01.2026 to 29.01.2026 5.30 PM | | | |
| 5 | Mode of receipt of tender paper | By Speed Post only | | | |
| 6 | Date and Time of Opening of Tender | 30.01.2026 at 11.00 AM onwards for One year & 31.01.2026 at 11.00 AM onwards for Five year (In office of the undersigned) | | | |
| 7 | Earnest Money Deposit | 10% quoted price for one year tender, 5% quoted price for Five year tender (In shape of Bank Draft in favour of Project Director, Watersheds, Ganjam, Berhampur) | | | |

OIPR- **Sd./-P. K. Pattanaik, Project Director, Watersheds, Ganjam, Berhampur**



## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଗଜପତି

**ବିଜ୍ଞାପନ**

ନଂ.-୨୨୮: ଏତଦ୍ୱାରା ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୨୦୨୪ ତାରିଖ ୩୧.୦୭.୨୦୨୫ ଅନୁସାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲିଥିବା ବିଭିନ୍ନ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀନୀ/ପ୍ରାର୍ଥୀଙ୍କ ସବିଶେଷ ବିବରଣୀ (www.gajapati.nic.in) ରେ ପ୍ରକାଶ ପାଇଅଛି। ଏଣୁ ସମ୍ପୃକ୍ତ ପ୍ରାର୍ଥୀନୀ/ପ୍ରାର୍ଥୀ ଉକ୍ତ website ରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁରୋଧ କରାଗଲା। ପ୍ରାର୍ଥୀନୀ/ପ୍ରାର୍ଥୀଙ୍କୁ ପୃଥକ୍ ଭାବେ ସମ୍ପୃକ୍ତ ତଥ୍ୟ ଜଣାଇବାର ଅନ୍ୟ କୌଣସି ବିକଳ୍ପ ଉପଲବ୍ଧ ନୁହେଁ ଓ ଭବିଷ୍ୟତରେ ସମ୍ପୃକ୍ତ ଚୟନ ପ୍ରକ୍ରିୟା ସମ୍ପର୍କିତ ତଥ୍ୟ www.gajapati.nic.in website ମାଧ୍ୟମରେ ପ୍ରକାଶ ପାଇବ।

ସ୍ୱା./-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଗଜପତି
OIPR–



## MUNICIPAL COUNCIL: RAIRANGPUR
Phone No.06794-222054, E-Mail ID: rairangpurn.hud@ori.nic.in/rrpurnac@gmail.com
No.C-2021
**"e" PROCUREMENT NOTICE**
**TENDER CALL NOTICE NO:- 293/dt.24.12.2025**
**BID IDENTIFICATION NO:- T7RRP2025-26**

1. Name of the Work : Civil Works
2. Total No. works : 41 No.
3. Estimated Cost : 1.69 to 16.95 Lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of Tender Online for bidding : 07.01.2026 at 11: AM to 19.01.2026 upto 5.00 PM
7. Tender Box Offline documents Dropping : 20.01.2026 upto 5.00 PM
8. Date & Time of opening of Tender : 21.01.2026 at 11.00 AM

Other detail can be seen from the website www.tendersorissa.gov.in Authority reserves the right to reject any of all the tenders without assigning any reason thereof.

OIPR- **Sd./- Executive Officer, Rairangpur Municipality**



## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION
Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241015, E-mail: dfo.ghumsursouth@odisha.gov.in

**SHORT TENDER NOTICE**
**No. 09/2025-26 Dated_06/01/2026**

**No.MM-477** : Divisional Forest Officer, Ghumsur South Forest Division invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. for Procurement of One (01) numbers Thermal UAV (DRONE) with battery combo pack (Battery kit, Speaker and RTK module). The tender papers with detailed terms and conditions will be available in the website www.ganjam.odisha.gov.in/www.odishaforest.in in the Office of Divisional Forest Officer, Ghumsur South Division on payment of Rs.1,000/- (One thousand) only Account Payee Bank Draft or cash in favour of Divisional Forest Officer, Ghumsur South Forest Division during office hours from **dated 09.01.2026 to 18.01.2026**. The Tender Papers can be submitted at the below mentioned address on or before **08.01.2026 latest by 05.00 PM** by Speed Post/ registered post/ by hand only. The tender will be opened in the office of the undersigned on **19.01.2026 at 11.30 AM**.
ବାସୁଦେବପୁର, ୯।୧ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ବଜାରଠାରେ ସମ୍ପ୍ରସାରଣ ହେଉଥିବା ରାସ୍ତା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଶୁକ୍ରବାର ଏମ୍‌ପି ଅଭିମନ୍ୟୁ ସେଠୀ ପରିଦର୍ଶନ କରିଛନ୍ତି। ଏମ୍‌ପି କପାଗଡ଼ିଆ ଛକଠାରେ ପହଞ୍ଚିବା ପରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ, ସାମାଜିକକର୍ମୀ ଅଶୋକ କୁମାର ନାୟକ, ପ୍ରଦୀପ ନାୟକ, ଉମାକାନ୍ତ ମଳିକ, ସୁଜିତ ଦାସ, ତପନ ନାୟକ, ଅମୂଲ୍ୟ ବେହେରା, ବିଶ୍ୱଜିତ ନାୟକ ଓ ତାଙ୍କର ଶତାଧିକ ସମର୍ଥକ ଏମ୍‌ପିଙ୍କୁ ବାଇକ୍ ଶୋଭାଯାତ୍ରାରେ ପଦ୍ମପୁର ବଜାରକୁ ଆଣିଥିଲେ। ବଜାର ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟକୁ କିଛି ମୁଷ୍ଟିମେୟ ଲୋକ ବିରୋଧ କରୁଥିବା ବେଳେ ଉନ୍ନତିମୂଳକ କାର୍ଯ୍ୟରେ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବା ଉଚିତ ବୋଲି ଏମ୍‌ପି କହିଥିଲେ। ନିର୍ମାଣଧୀନ ରାସ୍ତା କାର୍ଯ୍ୟ ଦେଖିବା ସହ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରପଞ୍ଚଙ୍କ ସହ ଅନ୍ୟ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଜୟକୃଷ୍ଣ ଉଚ୍ଚ ବିଦ୍ୟାଳୟ ଓ ମାଳତୀ ଦେବୀ ଉଚ୍ଚ ବିଦ୍ୟାଳୟର ଉନ୍ନତି କରଣ ପାଇଁ ଆର୍ଥିକ ଅନୁଦାନ ଦେବା ପାଇଁ ଏମପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ପଦ୍ମପୁର ବଜାରରେ ଏମ୍‌ପି ଅଭିମନ୍ୟୁ ସେଠୀ ।

# କୁମାର ପ୍ରିୟଦର୍ଶନ କ୍ରିକେଟ ଟୁର୍ନାମେଣ୍ଟ

ଚାନ୍ଦବାଲି, ୯।୧ (କିଷାନ ପାତ୍ର/ ଅଶୋକ ପଣ୍ଡା)

ଚାନ୍ଦବାଲିର ଲୋକପ୍ରିୟ ଯୁବ ଅଧ୍ୟାପକ କୁମାର ପ୍ରିୟଦର୍ଶନ(କୁନି ସାର୍)ଙ୍କ ସ୍ମୃତିରେ ଚାନ୍ଦବାଲି ଦୁର୍ଗା ପଡ଼ିଆରେ ଗୁରୁବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ପ୍ରଭାସ ସାହୁ, ଅନ୍ୟତମ ଅତିଥି ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଭଲିବଲ ଆସୋସିଏଶନ ସମ୍ପାଦକ ବିଭୁରଞ୍ଜନ ଜେନା, ସରକାରୀ ଓକିଲ ଦେବୁଲା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର ମୋଟ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପଟ୍ଟାମୁଣ୍ଡାଇ ହେକର୍ସ -୧୧ ଓ ରାଜକନିକା ସୁପର-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜକନିକାକୁ ହରାଇ ପଟ୍ଟାମୁଣ୍ଡାଇ ଚାମ୍ପିୟନ ହୋଇଥିଲା। କ୍ରୀଡ଼ା ସଙ୍ଗଠକ ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଡ.ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଅନ୍ୟତମ ଅତିଥି ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଅଧ୍ୟାପକ ଗାଗାରିନ ମହାନ୍ତି, କ୍ରୀଡ଼ାବିତ୍ ଶିଶିର ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଅମିତ ସୂତାର ଓ ଜ୍ୟୋତିପ୍ରକାଶ ରାଉତ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆଶିଷ ଶୁଭଦର୍ଶନ ମହାନ୍ତି, ଦେବାଶିଷ ନାୟକ, ଧର୍ମଜିତ ଦାସ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ଭାଜପାର ବିକାଶ ଚିନ୍ତନ ସମ୍ମିଳନୀ

# ଚୋରା ମଦ ବିକ୍ରିକୁ ବିରୋଧ

ତିହିଡି, ୯।୧ (ସଞ୍ଜିତ ବଳ)

ଭାଜପା ସରକାର ସମୟରେ ବିକାଶର ଧାରା ଅବ୍ୟାହତ ରହିଛି। ଏହି ପରିପ୍ରେକ୍ଷୀରେ ଦୌଲତପୁର ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ହେଲେ ପଞ୍ଚାୟତର ଅଗ୍ରଗତି ଘଟିବ ବୋଲି ତିହିଡି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ପୀରହାଟ ବଜାରସ୍ଥିତ ବାସନ୍ତୀ ପଡ଼ିଆରେ ଶୁକ୍ରବାର ମଧ୍ୟାହ୍ନରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିକାଶ ଚିନ୍ତନ ସମ୍ମିଳନୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହାଛଡ଼ା ସ୍ଥାନୀୟ ଅଞ୍ଚଳରେ ଚୋରା ମଦ ବିକ୍ରି ଏବଂ ସ୍କୁଲ ସାମ୍ନାରେ ଖୋଲିବାକୁ ଥିବା ବିଦେଶୀ ମଦ ଦୋକାନକୁ ମଧ୍ୟ ଅତିଥିମାନେ ବିରୋଧ କରିଥିଲେ।

ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ ପରୀକ୍ଷିତ ମହାନ୍ତି ପୌରୋହିତ୍ୟରେ ବରିଷ୍ଠ ନେତା ମଙ୍ଗରାଜ ନାୟକ, କମଳାକାନ୍ତ ନାୟକ, ଉପଦେଷ୍ଟା ସୁବାସ ଚନ୍ଦ୍ର ସେଠୀ, ପୂର୍ବତନ ସମିତିସଭ୍ୟା ବାସନ୍ତୀଲତା ବଳ, ସୁଧାରଞ୍ଜନ ମହାନ୍ତି, ଯୁବନେତା ଧନେଶ୍ୱର ଗାହାଣ, ସୁବାସ ମୁଦୁଲି, ସଦାଶିବ ମିଶ୍ର ପ୍ରମୁଖ ଯୋଗଦେଇ ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିବା ସହ ପଞ୍ଚାୟତରେ ଦଳ ଭିତରେ ରହି ବିଶୃଙ୍ଖଳାକାରୀଙ୍କଠାରୁ ଦୂରେଇ ରହିବାକୁ ନେତାମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ମୁଦୁଲି, ଗୀତାରାଣୀ ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଯୁବନେତା ଆନନ୍ଦ ଶଙ୍କର ଦାସ ସମ୍ମିଳନୀରେ ସଞ୍ଚାଳନ କରିଥିଲେ। ପୂର୍ବତନ ସରପଞ୍ଚ ଜୟବାଙ୍ଗଲା ବେହେରା ପଞ୍ଚାୟତରେ ଥିବା ପାନୀୟ ଜଳ, ଗ୍ରାମ ରାସ୍ତା ଅବରୋଧ, ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ, ବିଭିନ୍ନ ସ୍କୁଲରେ ଶିକ୍ଷକ ଅଭାବ ପ୍ରମୁଖ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅର୍ଜୁନବିନ୍ଧା-ସାନ ନହୁଣିପାଳ ରାସ୍ତା କଡ଼ରେ ଚାରାରୋପଣ, ଅର୍ଜୁନବିନ୍ଧା ରାଜସ୍ୱ ମୌଜାରେ ଶିଳ୍ପ ପ୍ରତିଷ୍ଠା, ଦୁର୍ଗା ମନ୍ଦିର ସାମ୍ନା ପଡ଼ିଆ କଂକ୍ରିଟକରଣ ଇତ୍ୟାଦି ଦାବି ଉପସ୍ଥାପନ କରିଥିଲେ। ଯୁବନେତା ବିଭୂତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଭାଜପା ସହଯୋଗରେ ଦର୍ଶନ ସେବା ଟ୍ରଷ୍ଟ ପଞ୍ଚାୟତରେ କାର୍ଯ୍ୟ କରିବ ବୋଲି ସମ୍ମିଳନୀରେ ଘୋଷଣା କରାଯାଇଥିଲା। ବିଜୟ ବାରିକ, ସନାତନ ବେହେରା, ଜୟରାମ ମୁଦୁଲି, ମୃତ୍ୟୁଞ୍ଜୟ ବଳ, ବସନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଭାଜପା ସମ୍ମିଳନୀରେ ଯୋଗ ଦେଇଥିବା ନେତା।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଘଟଗାଁ,୯।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଭିଆଇପି ରୋଡ୍ ବୀଣାଝରୀ ରଜ ମହୋତ୍ସବ ପଡ଼ିଆ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଘଟଗାଁ ଥାନା ବାଲିଯୋଡି ଗ୍ରାମର ଦୟାନିଧି ଖଣ୍ଡା। ଦୟାନିଧି ହରିଚନ୍ଦନପୁର ସାପ୍ତାହିକ ହାଟରୁ ଘରକୁ ଫେରୁଥବା ସମୟରେ ଇଟା ବୋଝେଇ ଟ୍ରକ୍ (ଓଆର ୦୯ ସି୫୭୪୧) ବାଇକ୍‌କୁ ଧକ୍କା ଦେଇଥିଲା। ଦୟାନିଧିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଟ୍ରକ୍‌ଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅର୍ଥ ବକେୟା, ପ୍ରସୂତିଙ୍କୁ ମିଳୁନି ଅଣ୍ଡା

ଚମ୍ପୁଆ,୯।୧(ମହେଶ୍ୱର ଦାସ)

କେନ୍ଦୁଝର ଚମ୍ପୁଆ ସମନ୍ୱିତ ଶିଶୁ ବିକାଶ ବିଭାଗରେ ୬ ମାସ ଧରି ଅଣ୍ଡା ଅର୍ଥ ପାଇନାହାନ୍ତି। ଫଳରେ ବହୁ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଅଣ୍ଡା ପାଇ ନ ଥିବା ଜଣାଯାଇଛି। ଏ ନେଇ ସଂଘ ପକ୍ଷରୁ ଉପରସ୍ଥ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ପଇସା ଆସିଲେ ପୁଣି ପୂର୍ବ ଭଳି ଅଣ୍ଡା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ସମନ୍ୱିତ ଶିଶୁ ବିକାଶ ଅଧୀନରେ ଚମ୍ପୁଆ ବ୍ଲକ୍ ଓ ଏନ୍‌ଏସିକୁ ମିଶାଇ ୨୦୯ ଗୋଟି ଅଙ୍ଗନୱାଡି କେନ୍ଦ୍ର ରହିଛି। କେନ୍ଦ୍ର ଅଧୀନରେ ୬ ମାସରୁ ୩ ବର୍ଷ ମଧ୍ୟରେ ୩ ହଜାର ୭ ଶହ ୫୮ ଜଣ ଶିଶୁ ରହିଛନ୍ତି। ୭୮୩ ଜଣ ଗର୍ଭବତୀ ଓ ୫୪୧ ଜଣ ପ୍ରସୂତି ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ନିମନ୍ତେ ମାସକୁ ଅଙ୍ଗନୱାଡି ମାଧ୍ୟମରେ ଅଣ୍ଡା ପ୍ରଦାନ କରାଯାଏ। ଏହି ଅଣ୍ଡା ବାବଦକୁ ଅର୍ଥ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିଲା। ମାତ୍ର ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ଅନେକ ଅଙ୍ଗନୱାଡି ଅଧୀନରେ ଥିବା ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ଅଣ୍ଡା ପ୍ରଦାନ କରାଯାଉ ନ ଥିବା ଜଣାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଜୁଲାଇରୁ ସେପ୍ଟେମ୍ବର ମାସର ଅର୍ଥ ୩୮, ୯୩, ୯୩୪ ଟଙ୍କା ଏବଂ ଅକ୍ଟୋବର ମାସରୁ ଡିସେମ୍ବର ପର୍ଯ୍ୟନ୍ତ ୩୫, ୭୬, ୫୫୪ ଟଙ୍କା ବିଲ ପଠାଯାଇଥିଲେ ମଧ୍ୟ ତାହା ପୈଠ ହୋଇପାରିନାହିଁ। ଫଳରେ ଏହିପରି ପରିସ୍ଥିତି ଉପୁଜୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ଅଙ୍ଗନୱାଡି କର୍ମୀମାନେ ଧାର ଉଧାର କରି ୬ ମାସ ଧରି ଅଣ୍ଡା ପ୍ରଦାନ କରିଆସୁଥିବା ବେଳେ ଜାନୁଆରୀ ମାସଠାରୁ ଅଣ୍ଡା ପ୍ରଦାନ ବନ୍ଦ ରହିଛି। ଏ ନେଇ ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି କହିଛନ୍ତି, ବକେୟା ଅର୍ଥ ଆସି ନ ଥିବାରୁ ଅଣ୍ଡା ପ୍ରଦାନ କରାଯାଇପାରୁନାହିଁ।

## କାଞ୍ଜିପାଣି ଘାଟିରେ ତୁଷାରପାତ


ବିପ୍ଳବୀ ରତ୍ନାକର ହାଇସ୍କୁଲ ନିକଟ ଫୁଟବଲ ପଡ଼ିଆରେ ତୁଷାରପାତ।

କେନ୍ଦୁଝର,୯।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ପ୍ରବଳ ଶୀତର ଲହର ଜାରି ରହିଛି। କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ୪ ଡିଗ୍ରୀ ତଳକୁ ଖସି ଆସିଛି। କାଞ୍ଜିପାଣି ଘାଟି ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘ ୮ ବର୍ଷ ବ୍ୟବଧାନ ପରେ ଏହି ଅଞ୍ଚଳରେ ତୁଷାରପାତ ଦେଖିବାକୁ ମିଳିଥିବା କୁହାଯାଉଛି।

ପ୍ରକାଶ ଯେ, ଶୁକ୍ରବାର ସକାଳ ସମୟରେ କେନ୍ଦୁଝରର କାଞ୍ଜିପାଣି ସମେତ ବାଂଶପାଳ ବ୍ଲକ୍‌ର ନୟାକୋଟ, କଦକଳା, ସିଂପୁର, ଜମିରିପଶି, ଉପରପଣସନସା, ତରମାକାନ୍ତ, ଗୋନାସିକା ଆଦି ପାହାଡ଼ିଆ ଜଙ୍ଗଲ ଅଞ୍ଚଳରେ ଧାନକ୍ଷେତ, ଘାସପତ୍ର, କୁଟାଗଦା ଏବଂ ଗାଡି ଉପରେ ତୁଷାରପାତ ଆସ୍ତରଣ ଜମି ରହିଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝରରେ ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଜଙ୍ଗଲରେ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ହେଲେ ନିଆଁ ପାଖରେ ବସି ରହୁଥିବା ଦେଖାଯାଉଛି। ଶୁକ୍ରବାର କେନ୍ଦୁଝର ସର୍ବନିମ୍ନ ତାପମାତ୍ରା ୭.୯ ଡିଗ୍ରୀ ସେଲସିୟସ ରହିଛି। କାଞ୍ଜିପାଣିସ୍ଥିତ ବିପ୍ଳବୀ ରତ୍ନାକର ହାଇସ୍କୁଲ ନିକଟ ଫୁଟ୍‌ବଲ ପଡିଆରେ ତୁଷାରପାତ ପଡ଼ିଥିବା ବିଦ୍ୟାଳୟର ରାତ୍ର ଜଗୁଆଳୀ ରବିନ୍ଦ୍ର ଆରୁକ ଦେଖି ଫଟୋ ଉଠାଇଥିଲେ। ଶେଷଥର ୨୦୧୮ ଡିସେମ୍ବର ୩୦ ତାରିଖରେ କାଞ୍ଜିପାଣି ଏବଂ ଏହାର ଆଖପାଖ ଅଞ୍ଚଳରେ ତୁଷାରପାତ ହୋଇଥିଲା। ଥଣ୍ଡା ସମୟରେ ଘରେ ରହିବା ସହିତ ଅତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷେ ଜିଲାର ମନୋରମ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ହଜାର ପର୍ଯ୍ୟଟକ ଆସୁଥିବା ଦେଖାଯାଉଛି।

## ଡଅଁର ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ

ବଡଲା,୯।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଡଅଁର ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମାଜିକକର୍ମୀ ତଥା ଭାଜପା ନେତା ଆଲୋକ ସେଠୀ, ଗେଡ଼ମା ସରପଞ୍ଚଙ୍କ ପ୍ରତିନିଧି ବାବୁଲା କାଣ୍ଡି, ଚାଷୀ ମଣି ଚରଣ ନାୟକ, ପ୍ରକାଶ ନାୟକ, ସୁରେନ୍ଦ୍ର ଦାସ, ଗଣେଶର ବେହେରା ପ୍ରମୁଖ ବହୁ ଚାଷୀ ଉପସ୍ଥିତ ରହି ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ସମବାୟ ସମିତିର ୨୭୧୯ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜିକୃତ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୧ହଜାର କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଅନୁମତି ମିଳିଥିବା ସମ୍ପାଦକ ସୂଚନା ଦେଇଛନ୍ତି। ସହକାରୀ ସମ୍ପାଦକ ଜୟନ୍ତ କୁମାର ସ୍ୱାଇଁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆସ୍ଥା, ବିଶ୍ୱାସର ପ୍ରତୀକ ଠାକୁରାଣୀ ଓଷା


ମା’ ଠାକୁରାଣୀଙ୍କ ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଯୋଡ଼ା,୯।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର କୋଠୀଶାଳଠାରେ ମା’ ଠାକୁରାଣୀ ଓଷା ଅନୁଷ୍ଠିତ ହୋଇଛି। ଆସ୍ଥା ଓ ବିଶ୍ୱାସର ପ୍ରତୀକ କୁହାଯାଉଥିବା ମା’ ଠାକୁରାଣୀଙ୍କୁ ଅସେଇଁକଳାରୁ ଶୋଭାଯାତ୍ରାରେ ଆଣି ଯୋଡ଼ା ସହରର ପାତ୍ର ସାହିରେ କୋଠୀଶାଳରେ ୯ ଦିନ ଧରି ପୂଜା ଅର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ଠାକୁରାଣୀ ଓଷା ମହାଆଡ଼ମ୍ବରରେ ପାଳିତ ହୋଇଥିବା ବେଳେ ଅନେକ ହଜାର ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ପାରମ୍ପରିକ ପ୍ରଥା ଅନୁଯାୟୀ, ମାନସିକଧାରୀ ଓ ଦେବୀ ଭକ୍ତମାନେ କଣ୍ଟା ଦୋଳିରେ ଝୁଲିଥିଲେ। କଣ୍ଟା ପିଢ଼ାରେ ବସିଥିଲେ। ଶେଷରେ ଖାଲି ପାଦରେ ଖନ୍ଦାରେ ଜଳୁଥିବା ଅଗ୍ନିର ଅଙ୍ଗାରରେ ଚାଲିଥିଲେ। ପରମ୍ପରା ୫ ଦଶନ୍ଧିରୁ ଅଧିକ ଦିନ ହେବ ପାଳିତ ହୋଇ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶ୍ରଦ୍ଧାଳୁ ଓ ଭକ୍ତମାନେ ପଣା ପିଇ ୯ ଦିନ ଧରି ଚାଲିଥିବା ଓଷାର ସମାପନ କରିଥିବା ମୁଖ୍ୟ ଦେହୁରୀ ରମେଶ ପାତ୍ରଙ୍କ ସମେତ ପାତ୍ର ସାହିର ଚରଣ ପାତ୍ର, ସୁଧାଂଶୁ ପାତ୍ର, ପୁରେନ୍ଦ୍ର ପାତ୍ର, ପ୍ରକାଶ ପାତ୍ର, ରମେଶ ପାତ୍ର, ଗୋକୁଳ ପାତ୍ର, ସୁଷମା ପାତ୍ର, ସୋମବାର ପାତ୍ର, ରାଜେଶ ପାତ୍ର ପ୍ରମୁଖ କହିଥିଲେ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ଛେନାପଦି,୯।୧(ନିରାକାର ପରିଡା)

କେନ୍ଦୁଝର ଜିଲା ଆଞ୍ଚଳିକ ମହାବିଦ୍ୟାଳୟ ହାତ୍ରିଡ଼ୀ ପ୍ରାଙ୍ଗଣରେ ଯୁକ୍ତ ୩ ପ୍ରଥମବର୍ଷ ବାଳିକାଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ଆତ୍ମରକ୍ଷାର ସଂଯୋଜିକା ଅଧ୍ୟାପିକା ନିଲମ ସ୍ୱୟଂ ଏବଂ ଅଧ୍ୟାପିକା ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଶ୍ରୀମିନୀ ସାହୁ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ରବିନ୍ଦ୍ରନାଥ ଜେନା, ସନାତନ ମୁଣ୍ଡା, ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଏବଂ ଅଧ୍ୟାପିକା ଗୁରୁକିରାଣୀ ନାୟକ, ଉପସ୍ଥିତ ରହି ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ।

## ଜିଲା ସାହିତ୍ୟ ସଂସ୍କୃତି କଳା ପ୍ରତିଷ୍ଠାନର ଆଲୋଚନାଚକ୍ର

କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁନାନଈ କୋଳରେ ଜିଲା ସାହିତ୍ୟ ସଂସ୍କୃତି କଳା ପ୍ରତିଷ୍ଠାନ ଆନୁକୂଲ୍ୟ ଆଲୋଚନାଚକ୍ର ‘ଦୃଷ୍ଟି’ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ପ୍ରାଣବଲ୍ଲଭ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ଡ. ବିଦ୍ୟାଧର ବେହେରା ସୂଚନା ପ୍ରଦାନ କରିଥିଲେ। ପରେ ଆଲୋଚନାଚକ୍ର ‘ଦୃଷ୍ଟି’ରେ ବାଂଶପାଳ ବ୍ଲକ୍ ଅନ୍ୟ ବ୍ଲକ୍ ତୁଳନାରେ ଅବହେଳିତ ରହୁଥିବାରୁ ଏଥିପ୍ରତି ସରକାର, ଲୋକ ପ୍ରତିନିଧି, ଜିଲାର ସମସ୍ତ ପ୍ରଶାସକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏତଦ୍ ବ୍ୟତୀତ ଜିଲାର କୋଣ ଅନୁକୋଣରେ ଲୁକାୟିତ ସାହିତ୍ୟିକ, ଲେଖକ, କବି, ଆଲୋଚକ, କଳାକାର ଓ ଶିଳ୍ପୀଙ୍କୁ ପ୍ରତିଷ୍ଠାନ ନିଜର ସଂଗଠନରେ ସଭ୍ୟଭାବେ ଗ୍ରହଣ କରାଇ ନେଇ ନିଜ ପରିସର ବୃଦ୍ଧି ଘଟାଇବାକୁ ଆହ୍ୱାନ ଦିଆଯାଇଥିଲା। ପରେ କବିଙ୍କ କବିତା ପାଠ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋଜ ଦାସ, କରୁଣାକର ବାରିକ, ପୁଷ୍ପହାସ ପଟ୍ଟନାୟକ, ବିଶ୍ୱ ରଞ୍ଜନ ଖୁଣ୍ଟିଆ, ପ୍ରଫୁଲ୍ଲ ଜେନା, ହୃଦାନନ୍ଦ ବେହେରା, ଦୈତାରି ଆପଟ, ରମେଶ ଚନ୍ଦ୍ର ଜେନା, ହରେକୃଷ୍ଣ ବେଜ, ଦୀପକ ବେହେରା, ମନୋଜ ନାୟକ, ସୁଦାମ ସାହୁ, ଶୁଶାନ୍ତ କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ପ୍ରକଳ୍ପ ପାଇଁ ଚେମଣାରେ ଗ୍ରାମସଭା


ଗ୍ରାମସଭାରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

ପାଟଣା,୯।୧(ବୀର କିଶୋର ଦାଶ)

ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ପାଟଣା ତହସିଲ ଅନ୍ତର୍ଗତ ଚେମଣା ଆରଆଇ ସର୍କଲ ଚେମେଣା ପଞ୍ଚାୟତ ପରିସରରେ ଗ୍ରାମସଭା କରାଯାଇ ଜମିଜମା ସଂକ୍ରାନ୍ତିୟ ଆଲୋଚନା କରାଯାଇଥିଲା। ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଗ୍ରାମସଭାରେ ଦୈତାରି ବାଂଶପାଣି ରେଳ ପ୍ରକଳ୍ପର ଭୁ ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ରାଜ କୁମାର ମାଇତି, ସମିତି ସଭ୍ୟ ମନୋଜ ମହାନ୍ତ, ନାଏବ ସରପଞ୍ଚ ନଳିନୀ ମହାନ୍ତ, ୱାର୍ଡମେମ୍ବର ଭରତ ମହାନ୍ତ, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଚେମଣା ଆରଆଇ ମଳୟ ନାୟକ, ଚେମଣା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୋଭାଶ୍ରୀ ସେଠୀ, ଏଡିଇଓ ମଙ୍ଗୁଲୁ ମହାନ୍ତଙ୍କ ସମେତ ଚେମଣା, ଚିଲିଦା ସରାସପଶିର ଗ୍ରାମବାସୀଙ୍କ ଉପସ୍ଥିତିରେ ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତିୟ ଉପରେ ଆଲୋଚନା କରାଯାଇଥିଲା। ବାଦାମପାହାଡ କେନ୍ଦୁଝରଗଡ଼ ନୂତନ ରେଳପଥ ନିର୍ମାଣ ପାଇଁ ଚେମଣା ପଞ୍ଚାୟତର ଚେମଣା, ଚିଲିଦା ଓ ସରାସପଶି ଗ୍ରାମର ୬୭ ଏକର ୯୩ ଡିସମିଲ ଘରୋଇ ଜମି ଅଧିଗ୍ରହଣ ହେବାକୁ ଯାଉଥିବା ବେଳେ ଚେମଣା ମୌଜାର ୧୨୪ଜଣଙ୍କଠାରୁ ମୋଟ ୩୫ ଏକର ୫୮ ଡିସିମିଲ, ସରାସପଶି ମୌଜାର ୨୬ ଜଣଙ୍କଠାରୁ ୭ ଏକର ୯୭ ଡିସିମିଲ ଏବଂ ଚିଲିଦା ଗ୍ରାମର ୮୦ ଜଣଙ୍କଠାରୁ ୨୪ ଏକର ୩୮ ଡିସିମିଲ ଜମି ଅଧିଗ୍ରହଣ ହେବ। ଏହି ୩ ଗ୍ରାମରେ ୫ କି.ମି. ଦେଇ ରେଳପଥ ଯିବାକୁ ଥିବା ବେଳେ ୧୧ଟି ଅଣ୍ଡରପାସ ଓ ଓଭର ବ୍ରିଜ ନିର୍ମାଣ କରାଯିବା ସହ ଚେମଣା ଗ୍ରାମରେ ଷ୍ଟେସନ ନିର୍ମାଣ କରାଯିବ। ନୂତନ ରେଳ ପ୍ରକଳ୍ପକୁ ଗ୍ରାମବାସୀ ସ୍ୱାଗତ କରିଥିଲେ।

## ବାଲ୍ୟବିବାହ ନିଷେଧ, ନିଶାମୁକ୍ତ ଭାରତ ଗଠନ ସଚେତନତା

ପାଟଣା,୯।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ତତଫରୁ ବାଲ୍ୟ ବିବାହ ନିଷେଧ, ନିଶାମୁକ୍ତ ଭାରତ ଗଠନ ଓ ପରିବେଶ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ସଦସ୍ୟ, ବ୍ଲକ୍‌ର ୨୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସିଆରସିସି, ପୋଲିସ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାଧିକରଣ ସମ୍ପାଦକ ଅକ୍ଷୟ ଚକ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ପ୍ରାଧିକରଣ ପକ୍ଷରୁ ଜିଲାରେ ଶହେ ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନୀତ ଆତିଥିଭାବେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଉପ ଆରକ୍ଷୀ ଅଧିକ୍ଷକ ଉଲ୍ଲାସୀ ମାଝି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶୁଭେନ୍ଦୁ ସାଗର ନାଏକ, ସିଡିପିଓ କଳ୍ପନା ଦୋରା, ପାଟଣା ଥାନା ପକ୍ଷରୁ ଏସ୍‌ଆଇ ଲକ୍ଷ୍ମଣ ମାଝି ପ୍ରମୁଖ ସାମିଲ ହୋଇ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀଙ୍କୁ ଅବଗତ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ବିଧାୟକଙ୍କୁ ତୀର ମାରିଦେବି ବୟାନକୁ ବିରୋଧ

ବଡଲା,୯।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆମ୍ବୋ ପଞ୍ଚାୟତରେ ବିଧାୟକ ପାଣ୍ଠିରେ ହେଉଥିବା ଏକ ଉନ୍ନୟନ କାର୍ଯ୍ୟକୁ ନେଇ ଯନ୍ତ୍ରୀ ବିଧାୟକଙ୍କୁ ତୀର ମାରିଦେବି କହିଥିଲେ। ବୟାନକୁ ନେଇ ବିଧାୟକଙ୍କ ସମର୍ଥକ ବିରୋଧ କରିଛନ୍ତି। ଏହାର ତଦନ୍ତ କରିବାକୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଡିଓଙ୍କୁ ଭେଟି ଦାବି କରିଛନ୍ତି।

ପ୍ରକାଶ ଯେ, ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିବାକୁ ଯନ୍ତ୍ରୀ କ୍ଷେତ୍ରବାସୀ ମାରାଣ୍ଡି ଯାଇଥିଲେ। ସେଠାରେ ଠିକାଦାରଙ୍କ ସହ ଆଲୋଚନା ସମୟରେ ଠିକାଦାର ବିଧାୟକଙ୍କ ନାମ ନେଇଥିଲେ। ଏହାକୁ ନେଇ ଯନ୍ତ୍ରୀ ତୁମ ବିଧାୟକ ଅଧିକ ହେଉଛନ୍ତି। ଦରକାର ପଡିଲେ ତାଙ୍କୁ ତୀର ମାରିଦେବି ବୋଲି କହିଥିଲେ। ଠିକାଦାର ବିଧାୟକଙ୍କ ସମେତ ଦଳୀୟ କର୍ମୀମାନଙ୍କୁ ଜଣାଇଥିଲେ। ଏ ନେଇ ବିଧାୟକଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏଥି ସହିତ ଯନ୍ତ୍ରୀଙ୍କ ବିରୋଧରେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ଜିଲାପାଳ ଓ ଜିଲାପ୍ରକଳ୍ପ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ। ଏହି ସମୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପଦକ୍ଷେପ ନ ନେଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଥିଲେ। ବିଧାୟକ କହିଛନ୍ତି, ଜଣେ ଦଳୀୟ କର୍ମୀଙ୍କୁ ଯନ୍ତ୍ରୀ କ୍ଷେତ୍ରବାସୀ ମାରାଣ୍ଡି କହିଥିଲେ ବିଧାୟକ ବହୁତ ହେଉଛନ୍ତି, ଦରକାର ପଡ଼ିଲେ ତୀର ମାରିଦେବି। ଏହାକୁ ନେଇ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ମନା କରିଥିଲେ। କିନ୍ତୁ କଥାଟି ସତ୍ୟଥିବା ଅନୁଭବ କରିବା ପରେ ବିଡିଓଙ୍କୁ ଏହାର ପଦକ୍ଷେପ ନେବାକୁ କହିବା ସହିତ ଜିଲାପାଳ ଓ ପିଡିଙ୍କୁ ଜଣାଇଛନ୍ତି।

## ମସିଣାବିଲା ଜିପି ହାଇସ୍କୁଲର ବାର୍ଷିକ ଉତ୍ସବ

ଢେଙ୍କିକୋଟ,୯।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ ମସିଣାବିଲା ପଞ୍ଚାୟତସ୍ଥିତ ଜିପି ହାଇସ୍କୁଲରେ ଶୁକ୍ରବାର ୩୬ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମୋହନ ଚରଣ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଡ଼ମସିଣାବିଲା ଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡମ୍ବରୁଧର ରାଉତ, ମୁଖ୍ୟ ବକ୍ତାଭାବେ ବାଟ ହରିଚନ୍ଦନପୁର ଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶ୍ନ କୁମାର ବାରିକ, ସମ୍ମାନିତ ଅତିଥିଭାବେ ବଡ଼ମସିଣାବିଲା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ପ୍ରଧାନ, ସଦାଶିବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ମହାନ୍ତ, ପଞ୍ଚାୟତର ସମିତି ସଭ୍ୟ ରଘୁନାଥ ମହାନ୍ତ, ସ୍ଥାନୀୟ ସରପଞ୍ଚ ଝରଣା ଗିରି, ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ରଙ୍ଗଲତା ବେହେରା, ସାମାଜିକକର୍ମୀ ଉଜ୍ଜଳ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ସ୍ୱର୍ଗତ ସଶିକାନ୍ତ ମହାରଣାଙ୍କ ସ୍ତ୍ରୀ ସକୁନ୍ତଳା ମହାରଣା, ବୁଦ୍ଧିଜୀବୀ ହରିହର ଦାସ, ନବ କିଶୋର ମଳେଇ, ଶିବଚରଣ ସେନାପତି, ଜନାର୍ଦ୍ଦନ ମଳେଇ, ବରିଷ୍ଠ କିରାଣୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାରଣା, ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଛନ୍ତି। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

## ମତ ଉପସ୍ଥାପନ କଲେ ଟି ବୋର୍ଡ ଇଣ୍ଡିଆ ଟିମ୍

### ଚା’ ବଗିଚା ପୁନରୁଦ୍ଧାର ପାଇଁ ବୈଠକ


ବୈଠକରେ ଉପସ୍ଥିତ ପ୍ରଶାନିକ ଅଧିକାରୀ ଓ କୋଲକାତାସ୍ଥିତ ଟି ବୋର୍ଡ ଇଣ୍ଡିଆର ସଦସ୍ୟ।

କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତରମାକାନ୍ତ ଚା’ ବଗିଚା ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏ ନେଇ ଗୁରୁବାର କୋଲକାତାସ୍ଥିତ ଟି ବୋର୍ଡ ଇଣ୍ଡିଆର ୨ଜଣିଆ ସଦସ୍ୟ ଉକ୍ତ ଅଞ୍ଚଳକୁ ଯାଇ ସ୍ଥିତ ଅନୁଧ୍ୟାନ କରିବା ପରେ ଶୁକ୍ରବାର ଜିଲା କମିଟିରେ ମତ ଉପସ୍ଥାପନା କରିଛନ୍ତି। ଏ ନେଇ ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ମିନି କନ୍‌ଫରେନ୍ସ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଆଲୋଚନା କରି ତରମାକାନ୍ତ ଟି ବାଗାନର ବର୍ତ୍ତମାନ ସ୍ଥିତ ନେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। କେଉଁ ସ୍ଥାନରେ ନୂତନଭାବେ ବନୀକରଣ କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ନୋଡାଲ ଅଫିସର ଟି ପ୍ଲାଣ୍ଟେସନ ତଥା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଆଲୋଚନା କରିଥିଲେ। କୋଲକାତାସ୍ଥିତ ଟି ବୋର୍ଡ ଇଣ୍ଡିଆର ଡେପୁଟି ଡାଇରେକ୍ଟର ଅନୁପମ ଦାସ, ଡେଭେଲପମେଣ୍ଟ ଅଫିସର ସୁଭାଶିଷ ସ୍ୱାଇଁ ଚା ଚାଷ ନେଇ ବୈଷୟିକ ପରାମର୍ଶ ଦେଇଥିଲେ। ବୈଠକରେ ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁକାନ୍ତ ସାହୁ, ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ, ବାଂଶପାଳ ତହସିଲଦାର ବିକାଶ ଚନ୍ଦ୍ର ସାହୁ, ବାଂଶପାଳ ବିଡିଓ ରାଜା ରଣଜିତ୍ ବଳ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜଳ ବିଭାଜିକା, ରାଜସ୍ୱ ବିଭାଗ ଓ ବନବିଭାଗ ମିଳିତ ଭାବେ ଚା’ ବାଗାନ ଅଞ୍ଚଳକୁ ଯାଇ ଜମିଜମାର ସ୍ଥିତାବସ୍ଥା ଅନୁଧ୍ୟାନ କରିବା ସହ ସୀମା ନିର୍ଦ୍ଧାରଣ କରି ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ। ପୂର୍ବରୁ ଉକ୍ତ ଚା’ ବାଗାନ କୁଶକଳା, ତରମାକାନ୍ତ, କଲଣ୍ଡା, ସିଂପୁର ଏବଂ ଅଡାଳ ଗ୍ରାମର ୨୨୦୦ ଏକର ଜମିରେ କରାଯାଇଥିଲା। ପ୍ରସ୍ତାବିତ ନୂତନ ଚା’ ବଗିଚା ପାଇଁ କୁଶକଳା ଏବଂ ଅଡାଳରେ ଜମି ଚିହ୍ନଟ ହୋଇଛି। ଗୁରୁବାର ଟିମର ୨ ସଦସ୍ୟ ତରମାକାନ୍ତ ଚା’ ବାଗାନ ଅଞ୍ଚଳ ପରିଦର୍ଶନ କରିବା ପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧରାପଡ଼ିଲା ୬.୨୭ କୋଟିର ସାଇବର ଠକେଇ

■ ୫ ଅଭିଯୁକ୍ତ ଗିରଫ, ୧୦ ଜଣଙ୍କୁ ନୋଟିସ
■ ବିଦେଶକୁ ଲମ୍ବିଛି ଅର୍ଥ କାରବାର ଲିଙ୍କ୍

**ଫୁଲବାଣୀ,୯।୧(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ସାଇବର ଥାନା ପୋଲିସ ବଡ଼ଧରଣର ସାଇବର ଅପରାଧର ପର୍ଦ୍ଦାଫାଶ କରିଛି । ଜିଲାର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟରେ ହୋଇଥିବା ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର ଠକେଇ ଧରାପଡିଛି । ଏହି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମାଷ୍ଟରମାଇଣ୍ଡ ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅନ୍ତର୍ଗତ କାଲଟିଆର ତୁଷାରକାନ୍ତି ଦାସ, ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ଏଥିସହ ୧୦ ଆକାଉଣ୍ଟଧାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୟୁ/ଏସ୍ ୩୫ରେ ନୋଟିସ ଜାରି କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ଏଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କ୍ରାଇମବ୍ରାଞ୍ଚ ସିଆଇଡି ପକ୍ଷରୁ କନ୍ଧମାଳ ଜିଲା ସାଇବର ସେଲକୁ ଫୁଲବାଣୀରେ ଥିବା ଏକାଧିକ ବ୍ୟାଙ୍କରେ ସାଇବର ଠକେଇ ହେଉଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାକୁ କନ୍ଧମାଳ ଏସ୍‌ପି ହରିଶ ବିଶି ଗୁରୁତ୍ୱର ସହ ନେଇ ଏଏସ୍‌ପି ରମେନ୍ଦ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ତଦନ୍ତ ବେଳେ ସମସ୍ତ ଆକାଉଣ୍ଟ ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ନାମରେ ଥିବା ଜଣାପଡ଼ିଥିଲା । ସେମାନଙ୍କୁ ପଚରାଉଚରା କରିବାରୁ ଆକାଉଣ୍ଟ ଖୋଲିଥିବା କେତେଜଣ ଯୁବକଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଆକାଉଣ୍ଟ ଟ୍ରାଞ୍ଜାକଶନ ଏବଂ ଫୋନ କଲକୁ ଆଧାର କରି ପୋଲିସ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତିଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା । ଏହି ଘଟଣାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ତୁଷାରକାନ୍ତି ଏକ ହ୍ୱାଟସ୍‌ଆପ ଗ୍ରୁପ୍ କରି ସମ୍ପୃକ୍ତ ଯୁବକଙ୍କୁ ସେଭିଂ ଆକାଉଣ୍ଟ ଖୋଲିଲେ କମିଶନ ବାବଦରେ ୫ ହଜାର ଏବଂ କର୍ପୋରେଟ ଆକାଉଣ୍ଟ ଖୋଲିଲେ ୫୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଉଥିଲେ । ଯୁବକମାନେ ସାଇବର ଅପରାଧ ଉପରେ ଅବଗତ ଥିଲେ । ତେଣୁ ସେମାନେ ଆକାଉଣ୍ଟଧାରୀଙ୍କ ପାସ୍ ବୁକ, ଏଟିଏମ୍, ନେଟ ବ୍ୟାଙ୍କିଂ ଏବଂ ସିମ୍ କାର୍ଡ ମାସକ ପାଇଁ ଦେବାକୁ କହି ଆଣୁଥିଲେ । କିନ୍ତୁ ପରେ ଫେରାଉ ନ ଥିଲେ । ସିଆଇଡି ପକ୍ଷରୁ ଖବର ମିଳିବା ପରେ ତଦନ୍ତକୁ ଜୋରଦାର କରାଯାଇଥିଲା। ଫୁଲବାଣୀରେ ୧୬ଟି ଆକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଥିଲା । ଦେଶ ଏବଂ ବିଦେଶରେ ଏହି ଠକେଇର ଲିଙ୍କ ଥିବା ସହ ଅର୍ଥ କାରବାର ହୋଇଛି। ସମସ୍ତ ଆକାଉଣ୍ଟକୁ ଅଚଳ କରାଯାଇଛି। ତୁଷାରକାନ୍ତିଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ସାଇବର ଅପରାଧୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଏଏସପି ରମେନ୍ଦ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ କେ.ଶ୍ରୀନିବାସୁଲ, ଫୁଲବାଣୀ ସାଇବର ଥାନାଧିକାରୀ ଗେହ୍ଲି କୁମାରୀ ଉପସ୍ଥିତ ଥିଲେ।

# ୬୮ ଗ୍ରାମ୍ ବ୍ରାଉନସୁଗାର ଜବତ

## ଜେଲ ଗଲେ ଦମ୍ପତି

**ବାଲେଶ୍ୱର, ୯।୧(ବାଞ୍ଛାନିଧି ଦେ)**


ଜବତ ବ୍ରାଉନସୁଗାର ସହ ଗିରଫ ଦମ୍ପତି।

ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଶୁକ୍ରବାର ଅରଡ଼ବଜାର ଅଞ୍ଚଳର ଗଉଡ଼ସାହି ନିକଟରେ ଚଢାଉ କରି ବ୍ରାଉନସୁଗାର କାରବାର କରୁଥିବା ବେପାରୀ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଗଳାପୋଲ ଅଞ୍ଚଳର ସେକ୍ ସାହିଦ (୩୪) ଓ ତାଙ୍କ ସ୍ତ୍ରୀ ମମତା ସୋରେନ। ସେମାନଙ୍କ ନିକଟରୁ ୬୮ ଗ୍ରାମ୍ ବ୍ରାଉନସୁଗାର ସହ ବୁଲେଟ୍ (ନଂ. ଓଡ଼ି୦୧ବିଇ-୬୮୯୧) ଓ ଏକ ସ୍ମାର୍ଟଫୋନ୍ ଜବତ ହୋଇଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୧୪/୨୬) ରୁଜୁ କରି ପୋଲିସ ଗିରଫ ସ୍ୱାମୀ, ସ୍ତ୍ରୀଙ୍କୁ କୋର୍ଟଚାଲାଣ କରିଛି।

ଅଭିଯୁକ୍ତ ଦମ୍ପତି ଅରଡ଼ବଜାର ଅଞ୍ଚଳର ଗଉଡ଼ସାହିସ୍ଥିତ ଏକ ପରିତ୍ୟକ୍ତ ଘର ନିକଟରେ ଗ୍ରାହକମାନଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ଖବର ଥିଲା। ଆଇଆଇସି ବିରଞ୍ଚି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ଉଭୟଙ୍କୁ ଗିରଫ ସହ ବ୍ରାଉନସୁଗାର ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ସହଦେବଖୁଣ୍ଟା ଥାନା ଓ ଏସ୍‌ଟିଏଫ୍‌ରେ ପୂର୍ବରୁ ବହୁ ମାମଲା ଥିବା ପୋଲିସ କହିଛି। ଦମ୍ପତିଙ୍କ ସହ ଦୁଇମାସର ଶିଶୁକନ୍ୟା ରହିଛି।

# ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ବଇଣ୍ଡା, ୯।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଘରୁ ଅପହରଣ କରିନେଇ ଉକ୍ତ ଅଞ୍ଚଳର ବୀରେନ ପ୍ରଧାନ ବଳାତ୍କାର କରିଥିବା ଗୁରୁବାର ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବିବାହ ପୂର୍ବରୁ ସମ୍ପୃକ୍ତା ମହିଳାଙ୍କ ସହ ବୀରେନଙ୍କ ପ୍ରେମ ସମ୍ପର୍କ ରହିଥିଲା। ତେବେ ମହିଳାଙ୍କ ଘରକୁ ଯାଇ ବୀରେନ ତାଙ୍କୁ ସେଠାରୁ ଅପହରଣ କରିନେଇ ବଳାତ୍କାର କରିଥିବା ମହିଳା ଜଣକ ଅଭିଯୋଗ ଉଲ୍ଲେଖ କରିଛନ୍ତି।

# ସାନବାପା ପୁଅକୁ ବଡ଼ବାପା ପୁଅ ହାଣିଦେଲେ

**ରାୟଗଡ଼ା/ଅମ୍ବାଦଳା,୯।୧(ଆଶିଷ ରଞ୍ଜନ ପଣ୍ଡା/ରବୀନ୍ଦ୍ର ପଣ୍ଡା)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଡ଼ବାପାଙ୍କ ପୁଅ ଟାଙ୍ଗିଆ ଚୋଟରେ ସାନବାପାଙ୍କ ପୁଅର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ବଡ଼ନାଗଝରି ଗ୍ରାମରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବଡ଼ନାଗଝରି ଗ୍ରାମର ବଡ଼ନୁନା କଟିମ୍ । ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଅଭିଯୁକ୍ତ ବିଶ୍ୱମ୍ଭର କଟିମଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାନବାପା ପୁଅ ବଡ଼ନୁନା ତାଙ୍କ କାନ୍ଦୁଲ ବାଡ଼ ରକ୍ଷଣାବେକ୍ଷଣ ପାଇଁ ଜମିକୁ ଯାଉଥିବାବେଳେ ପୂର୍ବରୁ ବଡ଼ବାପା ପୁଅ ବିଶ୍ୱମ୍ଭର ତାଙ୍କ ଜମିରେ ଥିବା ଏକ ଜାମୁକୋଳି ଗଛ କାଟୁଥିବା ଦେଖିଥିଲେ । ଏତେ ବଡ଼ ଗଛ କାହିଁକି କାଟି ଦେଉଛ ବୋଲି ବଡନୁନା ବିଶ୍ୱମ୍ଭରକୁ ପଚାରିବାରୁ ସେ ଗଛରୁ ଓହ୍ଲାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଗଛ କଟାକୁ ନେଇ ବଚସା ହେବା ପରେ ବିଶ୍ୱମ୍ଭର ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଟାଙ୍ଗିଆରେ ବଡନୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଡନୁନାଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବଡ଼ନୁନାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ କାନ୍ଦୁଲ ବାଡ଼ରେ ଅପେକ୍ଷା କରିଥିବାବେଳେ ସେ ନ ପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିଥିଲେ। ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ । ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। ଏ ନେଇ ଅମ୍ବାଦଳା ଥାନାରେ କେସ୍ ନ. ୫/୨୬ରେ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି। ପୋଲିସ ହତ୍ୟାକାରୀ ବିଶ୍ୱମ୍ଭରଙ୍କୁ ଗିରଫ କରିଥିବାବେଳେ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି।

# ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା

## ଥାନାରେ ଆତ୍ମସମର୍ପଣକଲେ ବାପା

**ଠାକୁରମୁଣ୍ଡା,୯।୧(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଭରାଣ୍ଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା କରିବାପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା। ମୃତକ ହେଲେ ତପନ ବାଇଁଶିଆ (୩୫)। ଏନେଇ ପୋଲିସ ଏକ ମାମଲା(ନଂ.୭/୨୬) ରୁଜୁ କରି ଅଭିଯୁକ୍ତ ଅନାମ ବାଇଁଶିଆ (୬୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଅନାମ ଘର ସମ୍ମୁଖରେ ନିଆଁ ପୋଇଁ ହେଉଥିବା ବେଳେ ରାତି ପ୍ରାୟ ୮ଟା ସମୟରେ ପୁଅ ତପନ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ପାଖରେ ବସିଥିଲେ। କୌଣସି କଥାକୁ ନେଇ ବାପା ଅନାମଙ୍କ ସହିତ ଝଗଡ଼ା କରିବା ସହ ଗୋଇଠା ମାରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅନାମ ଘରୁ ଏକ କୁରାଢ଼ି ଆଣି ପୁଅ ତପନଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ରାତି ପ୍ରାୟ ୯ଟା ସମୟରେ ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ।

# ଗୋଚାଲାଣରେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି

## ଟଙ୍କା ଦେଣନେଣକୁ ନେଇ ଅଡିଓ ଭାଇରାଲ

**କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା କାଳିଆହତା ପୋଲିସ ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ଗୋଚାଲାଣରେ ସମ୍ପୃକ୍ତି ଅଭିଯୋଗ ହେଉଛି। ଟଙ୍କା ଦେଣନେଣକୁ ନେଇ ସୋସିଆଲ ମିଡ଼ିଆରେ ଗୋଚାଲାଣକାରୀଙ୍କ ସହ କନ୍‌ଷ୍ଟେବଲଙ୍କ ଅଡିଓ ଭାଇରାଲ ହେଉଥିବାରୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଟଙ୍କା ଦେଣନେଣକୁ ନେଇ ଜଣେ ଦଲାଲଙ୍କ ସହିତ ଫାଣ୍ଡିର ଜଣେ କନଷ୍ଟେବଲ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିବା ଅଡିଓରୁ ଜଣାପଡୁଛି। କନଷ୍ଟେବଲ ଜଣକ ଦୀର୍ଘ ବର୍ଷ ହେଲା ଏଭଳି କାମ କରି ଆସୁଥିବା ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି। କେଉଁ ମାଫିଆ କେତେ ଟଙ୍କା ଦେଲା କେତେବେଳେ ଦେଲା ଅଡିଓରେ ସ୍ପଷ୍ଟ ଜଣାପଡୁଛି। ଅନ୍ୟପକ୍ଷେ ମାସେ ପୂର୍ବରୁ ଗୋ ଚାଲାଣରେ ପୋଲିସ ସମ୍ପୃକ୍ତିକୁ ନେଇ ତେଲକୋଇ ଥାନାର ଜଣେ କର୍ମଚାରୀ ଗିରଫ ହୋଇଥିଲେ। ଏବେ ତେଲକୋଇ ଥାନା ଅଧୀନ କାଳିଆହତା ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ସହିତ ଗୋଚାଲାଣକୁ ନେଇ ଅଡିଓ ଭାଇରାଲ ହେବା ଗୋଚାଲାଣରେ ପୋଲିସ ସମ୍ପୃକ୍ତିକୁ ସ୍ପଷ୍ଟ କରୁଛି। ଏ ନେଇ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ କହିଛନ୍ତି, ଅଡିଓ ଶୁଣିବା ପରେ ପଦକ୍ଷେପ ନିଆଯିବ।

# ଗୁଜରାଟରୁ ୫ ଅଭିଯୁକ୍ତ ଗିରଫ

## ତ୍ରିକୋଣୀୟ ପ୍ରେମରୁ ବବୁଲ ହତ୍ୟାକାଣ୍ଡ

**ଭୁବନେଶ୍ୱର,୯।୧(ତ୍ରିନାଥ ମହାନ୍ତି)**

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଜିତେନ୍ଦ୍ର ଦାସ ଓରଫ ବବୁଲଙ୍କୁ ହତ୍ୟା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ରାଜା ରାୟ ଓରଫ ବେଙ୍ଗଲୀ ରାଜା, କାଳିଆ ମହାନ୍ତି, ସୁନିଲ ନାୟକ ଓରଫ ଚିନା, ରାଜେଶ ନାୟକ ଓରଫ ନଣ୍ଟୁ ଓ ରାଜେଶ ବେହେରା। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଆମ୍ବା କଟୁରୀ, ୪ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଥିବା ପୋଲିସ କମିଶନର ସୁରେଶ ଦବଦତ୍ତ ସିଂ ସୂଚନା ଦେବା ସହ ପୂରା ଘଟଣା ସମ୍ପର୍କରେ କହିଛନ୍ତି।


# Classified Everyday
**0674-2580101, 9692975378**



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




Professional body massage & steam-bath. Please contact TRUPTI SPA CENTER, PH.- 9861550765. D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newlyopenhealthbenefits, joint pain relax good environment atmosphere. 7653969971. D-3035

## AFFIDAVIT

By virtue of an affidavit sworn before the Executive Magistrate, Jagannathprasad, Ganjam, dated- 09.12.2025, I, Smt Saraswati Pradhan, W/o.- Laxman Pradhan, age- 47 year, Address: Village- Mentapur, P.O.- B.D Pur, P.S.- Jagannath Prasad and presently residing at Village/Post- B. D Pur, P.S.- Jagannath Prasad, in the district of Ganjam Odisha declare that I have changed my name from Smt Sarswati Pradhan to Smt Saraswati Pradhan. Henceforth, I shall be known as Smt Saraswati Pradhan for all purposes. D-3065

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Panposh on Dtd.- 09.01.2026, I, Satyanarayan Mahanta, S/o.- Harekrushna Mahanta, Vill.- Sukhapali, P.O./P.S.- Lahunipada, Dist.- Sundargarh, Odisha- 770040 declare that name of my parents in some documents mentioned as Harekrishna Mahanta (Father), Lilmani Mahanta (Mother) instead of Harekrushna Mahanta (Father), Jira Mahanta (Mother) which is correct. Both name Harekrushna Mahanta (Father), Jira Mahanta (Mother) & Harekrishna Mahanta (Father), Lilmani Mahanta (Mother) is one and same person. D-3067

I, Manaranjan Malik, father of minor Mamita Malik of Village Jirakua, P.O.- Ramnabadi- 761151, P.S.- Surada. Hereby notify that through this affidavit filed before Executive Magistrate, Surada, Ganjam that my daughter's name has been changed to Mami Malik. All records, deeds and transactions should henceforth reflect her new name. Old Name: Mamita Malik, New Name: Mami Malik. Henceforth, she will be known as Mami Malik for all purposes.
Sd./- Manaranjan Malik D-3068

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Batakrushna Mohanty, S/o.- Basanta Mohanty, resident of house No.- 56, Ward No.- 16, Village- Dhobapalli, Post- Baragam, P.S.- Kotinada, Aska, Dist.- Ganjam, PIN- 761111, State- Odisha declare by this affidavit No.- 1606, Dtd.- 01.11.2025 that now onwards I shall be known as BATAKRUSHNA BASANTA MOHANTY for all future purposes. D-3069

I, Jagadish Sethi, S/o.- Madan Sethi, Resident of Solagadia, P.O.- Majhigadia, P.S.- Kaptipada, Dist.- Mayurbhanj, PIN- 757106 declare by this affidavit No. 363 dtd.- 25.11.2025 that the name of my son mentioned earlier in various documents as AUROASHRITA SETHI has been changed to AUROASHRIT SETHI. Henceforth, the latter one willbe executed. D-3063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ଓଁ ସାଇରାମ



ସ୍ୱ.ବନବାସିନୀ ମହାପାତ୍ର (ବୁଲୀ)
ଆବିର୍ଭାବ ୦୭/୧୨/୧୯୪୦ | ତିରୋଧାନ ୩୧/୧୨/୨୦୨୫ (ପୌଷ ଦ୍ୱାଦଶୀ)
୧୭, ଗୌତମ ନଗର, ଭୁବନେଶ୍ୱର
ତୁମେ ଆମ ପାଇଁ ସବୁକିଛି। ସାରା ଜୀବନ ଆମ ସମସ୍ତଙ୍କ ଦାୟିତ୍ୱ ବୁଝି ବୁଝି ଶେଷରେ ଆମ ମାନଙ୍କୁ ଶୋକସାଗରରେ ଭସାଇଦେଇ ଅଫେରା ରାଇଜକୁ ଚାଲିଗଲ। ତୁମେ ବହୁତ ମନେ ପଡ଼ୁଛ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ସାଇରାମଙ୍କ ପାଦପଦ୍ମରେ ଥାଇ ଆମ ମାନଙ୍କୁ ସଦାସର୍ବଦା ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ବାପୁ, ଲୀତୁ, କାଶୋର, ପୁଷ୍ପ, ରୀନା, ସରୋଜ, ବାବାଲୀ, ବିବେକ ଓ ବୃଷାଲୀ ଏବଂ ପରିବାରବର୍ଗ
ଧ-୩୦୭୦

ମନେ ପଡ଼ନ୍ତି



ସ୍ୱ ଭାରତୀ ତ୍ରିପାଠୀ
ସ୍ୱାମୀ: ସ୍ୱର୍ଗତ ଶରତ ଚନ୍ଦ୍ର ତ୍ରିପାଠୀ
(ଜ୍ୟୋତ୍ସ୍ନାପୁରୀ ଲାଇନ୍, ଲୋଚାପଡା ରୋଡ, ବ୍ରହ୍ମପୁର)
ଆବିର୍ଭାବ: ୦୬.୧୧.୧୯୪୪
ତିରୋଧାନ: ୩୦.୧୨.୨୦୨୫
ଆଜି ଦ୍ୱାଦଶାହ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକ ସନ୍ତପ୍ତ ପରିବାର: କୁନି, ଟୁନା, ରୁନା, ମିନି, ବନ୍ଧି, ଅର୍ଚ୍ଚନା, ନିବେଦିତା, ମଧୁସ୍ମିତା, ବିଜୟ ଏବଂ ନାତି ନାତୁଣୀ ବର୍ଗ।
ଧ-୩୦୭୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତି
ବିଶିଷ୍ଟ ଶିକ୍ଷାବିତ
ଶାଳେଶ୍ୱର, ପାହଳ
ଆବିର୍ଭାବ– ୦୮।୦୫।୧୯୬୩
ତିରୋଧାନ– ୩୧।୧୨।୨୦୨୫
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ବକ୍ସି ଜଗବନ୍ଧୁ ବିଦ୍ୟା ମନ୍ଦିର ପାହଳ, ଭୁବନେଶ୍ୱର
ଧ-୭୧୨୪୬

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବୀନ୍ଦ୍ରନାଥ ରଥ
ଭୁବନେଶ୍ୱର
ଆବିର୍ଭାବ– ୨୭।୦୯।୧୯୪୨
ତିରୋଧାନ– ୧୯।୦୧।୧୯୯୬
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
–:ଶୋକସନ୍ତପ୍ତ:–
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୩୦୭୨

ଧରିତ୍ରୀ 52 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ Bhubaneswar, Saturday, January 10/ 2026


କୋଲକାତାରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସି ନେତା ଓ କର୍ମୀଙ୍କ ସହ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

ପଲିଟିକାଲ କନ୍‌ସଲ୍ଟାନ୍ସି ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉକୁ ନେଇ କେନ୍ଦ୍ର ସହ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କୋଲକାତାରେ ବିକ୍ଷୋଭ ରାଲି କରିଛନ୍ତି। ସେପଟେ ନୂଆଦିଲ୍ଲୀରେ ମଧ ଡେରେକ୍ ଓ'ବ୍ରାଏନ୍‌ଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଶାହା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ଟିଏମ୍‌ସି ଏମ୍‌ପିମାନଙ୍କୁ ଦିଲ୍ଲୀ ପୋଲିସ ଘୋଷାଡ଼ି ନେଇ ଭ୍ୟାନ୍‌ରେ ବସାଇଥିଲା। ସେମାନଙ୍କୁ ଅଟକ ରଖାଯାଇଥିବାବେଳେ ପଶ୍ଚିମବଙ୍ଗ କେନ୍ଦ୍ରକୁ ଉଚିତ ଶିକ୍ଷା ଦେବ ବୋଲି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର କହିଛନ୍ତି। ମୋଟାମୋଟି ଭାବେ ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବିଧାନସଭା ନିର୍ବାଚନ ପୂର୍ବରୁ ଆଇ-ପିଏସି ଉପରେ ଇଡିର ଚଢ଼ାଉ କେନ୍ଦ୍ର ବନାମ ପଶ୍ଚିମବଙ୍ଗ ଲଢ଼େଇର ରୂପ ନେଇସାରିଛି। ଅନ୍ୟପକ୍ଷେ ଗୁରୁବାର ଚଢ଼ାଉବେଳେ ମମତା ବାଧାଦେବା ସହ ଆଇ-ପିଏସିର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଶୁଭ୍ର ଘୋଷ ଅତ୍ୟଧିକ ଭିଡ଼ ଜମିଥିବା ଦର୍ଶାଇ କୋର୍ଟରୁମ୍ ଛାଡ଼ି ଚାଲିଯାଇଛନ୍ତି। ଆଗକୁ ଛୁଟି ଥିବାରୁ ହାଇକୋର୍ଟରେ ବୁଧବାର ଏହାର ପରବର୍ତ୍ତୀ ଶୁଣାଣି ହୋଇପାରେ।



ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍‌ଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଉଛି।

# କୋଲକାତାରୁ ଦିଲ୍ଲୀ ଦିଦିଙ୍କ ଲଢ଼େଇ

**କୋଲକାତା/ନୂଆଦିଲ୍ଲୀ,୯।୧**

ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରୀୟ ଏଜେନ୍ସି ଇଡି ତୃଣମୂଳ କଂଗ୍ରେସକୁ ରାଜନୈତିକ ସହାୟତା ପ୍ରଦାନ କରୁଥିବା ଆଇପିଏସି ଉପରେ ଗୁରୁବାର ଚଢ଼ାଉ କରିଥିଲା। ତେବେ ଟିଏମ୍‌ସି ସୁପ୍ରିମୋ ଉକ୍ତ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଓ ଅଫିସରେ ପହଞ୍ଚି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମମତା ନିଜ ସାମ୍ବିଧାନିକ ପଦର ଦୁରୁପଯୋଗ କରି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଚାଲିଥିବା ତଦନ୍ତରେ ବାଧା ଦେଉଥିବା ଇଡି ନିଜ ପିଟିଶନରେ ଦର୍ଶାଇଛି। ବେଆଇନ କୋଇଲା ଖଣି ଖନନ ମାମଲାରେ ମମତାଙ୍କ ସମ୍ପୃକ୍ତି ରହିଛି। ହାୱାଲା ଜରିଆରେ ଆସିଥିବା ଟଙ୍କାକୁ ଆଇ-


କର୍ତ୍ତବ୍ୟ ଭବନ ଆଗରେ ବିକ୍ଷୋଭବେଳେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କୁ ପୋଲିସ ଉଠାଇନେଉଛି।

ପିଏସି ଜରିଆରେ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ତେଣୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ

- ମମତାଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବିକଲା ଇଡି
- ଶୁଣାଣି ମଞ୍ଚରୁ ଉଠିଗଲେ ହାଇକୋର୍ଟ ବିଚାରପତି
- ଭାଜପାକୁ ଦେବା ପାଇଁ ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରିଛି ଇଡି: ମମତା
- ଶାହାଙ୍କ ଅଫିସ ସମ୍ମୁଖରୁ ଟିଏମ୍‌ସି ଏମ୍‌ପିଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

(ସିବିଆଇ) ଦ୍ୱାରା କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଇଡି ଉକ୍ତ ରିଟ୍ ପିଟିଶନରେ ନିବେଦନ କରିଛି। ସେହିପରି ତଲାସି ବେଳେ ସେଠାରୁ ମମତା ନେଇଯାଇଥିବା ସମସ୍ତ ଡିଜିଟାଲ ଡିଭାଇସ, ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଅନ୍ୟ ଦସ୍ତାବିଜଗୁଡ଼ିକୁ ତୁରନ୍ତ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ଏଜେନ୍ସି ଦାବି କରିଛି। ବିଚାରପତି କୋର୍ଟରୁମ୍‌ରେ ଅତ୍ୟଧିକ ଭିଡ଼ ହୋଇଥିବା ଦର୍ଶାଇ ଶୁଣାଣି ମଞ୍ଚରୁ ଉଠିଚାଲିଯାଇଥିଲେ। ଆସନ୍ତା ସପ୍ତାହରେ ଏହା ଉପରେ ପୁଣି ଶୁଣାଣି ହୋଇପାରେ।

ଅନ୍ୟପକ୍ଷେ ହାଇକୋର୍ଟରେ ଶୁଣାଣି ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଯାଦବପୁରରୁ ୧୦ କି.ମି. ଦୂର ହଜରା କ୍ରସିଂ ପର୍ଯ୍ୟନ୍ତ ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ମମତା କହିଛନ୍ତି, ନିର୍ବାଚନରେ ଭାଜପା ସବୁ ପ୍ରକାର ଉପାୟ ଅବଲମ୍ବନ କରି ଜିତିବାକୁ ଚାହୁଁଛି। ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରି ଭାଜପାକୁ ସବୁ ଦସ୍ତାବିଜ ଦେବା ଇଡି ଚଢ଼ାଉ ପଛର ଉଦ୍ଦେଶ୍ୟ। ସେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଟିଏମ୍‌ସି ଅଧକ୍ଷା ଭୂମିକାରେ ଚଢ଼ାଉ ବେଳେ ହସ୍ତକ୍ଷେପ କରିଥିଲେ। ଏହା ଉପରେ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି, ମମତା ଦୁର୍ନୀତିରେ ବୁଡି ରହିଛନ୍ତି। ଇଡି ଅଫିସରଙ୍କୁ ଧମକ ଦେବା ନେଇ ତାଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯିବା ଉଚିତ।

ମମତା କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରା କରୁଥିବାବେଳେ ତାଙ୍କ ଦଳର ସାଂସଦମାନେ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଟିଏମ୍‌ସି ଏମ୍‌ପି ଏବଂ ଦିଲ୍ଲୀ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ମହୁଆ ମୋଇତ୍ରଙ୍କ ସମେତ ଅନ୍ୟ ସାଂସଦମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଥିବା କର୍ତ୍ତବ୍ୟ ଭବନକୁ ପ୍ରବେଶ ଉଦ୍ୟମ କରିଥିଲେ। ସେମାନେ ବିନା ଅନୁମତିରେ ବିକ୍ଷୋଭ କରୁଥିଲେ ଏବଂ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ସେଠାରୁ ହଟାଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନିଆଯାଇଥିଲା। କିଛି ଘଣ୍ଟାର ଅଟକ ପରେ ଏମ୍‌ପିମାନଙ୍କୁ ପୋଲିସ ଛାଡ଼ି ଦେଇଥିଲା।

## ଦିଲ୍ଲୀ ଏୟାରପୋର୍ଟରୁ ୪୩ କୋଟିର ଗଞ୍ଜେଇ, ସିଗାରେଟ୍ ଜବତ

**ନୂଆଦିଲ୍ଲୀ,୯।୧(ପିଟିଆଇ)**

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ଏବଂ ସିଗାରେଟ୍ ଜବତ ହେବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଗତ ୬ ତାରିଖରେ ବ୍ୟାଙ୍କକ୍‌ରୁ ଆସିଥିବା ଉକ୍ତ ଯାତ୍ରୀମାନଙ୍କୁ କଷ୍ଟମ୍ସ ଅଫିସରମାନେ ଧରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ୪ଟି ଟ୍ରଲି ବ୍ୟାଗ୍‌ରୁ ସବୁଜ ରଙ୍ଗର ନିଶାଦ୍ରବ୍ୟ ମିଳିଥିଲା, ଯାହାକି ଗଞ୍ଜେଇ ହୋଇଥିବା ଅନୁମାନ କରାଯାଉଛି। ଏହାର ଓଜନ ୪୩.୧୩ କିଲୋଗ୍ରାମ ରହିଛି। ଅନ୍ୟ ୨ଟି ବ୍ୟାଗ୍‌ରୁ ଗୋଲ୍ଡ ଫ୍ଲେକ୍ ସିଗାରେଟ୍ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୋଟ ମୂଲ୍ୟ ୪୩.୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଇରାନରେ ବିକ୍ଷୋଭ, ଇଣ୍ଟରନେଟ୍ ବନ୍ଦ

## ମୃତ୍ୟୁସଂଖ୍ୟା ୪୨

## ଟ୍ରମ୍ପଙ୍କ ହାତ ରକ୍ତ ରଞ୍ଜିତ: ଖାମେନେଇ

**ଦୁବାଇ,୯।୧**

ଇରାନର ନିର୍ବାସିତ କ୍ରାଉନ୍ ପ୍ରିନ୍ସଙ୍କ ଡାକରାକ୍ରମେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଇଣ୍ଟରନେଟ୍ ଏବଂ ଅନ୍ତର୍ଜାତୀୟ ଟେଲିଫୋନ୍ କଲ୍ ବିଚ୍ଛିନ୍ନ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଜାରି ରହିଛି। ଆକ୍ଟିଭିଷ୍ଟମାନଙ୍କ ଦ୍ୱାରା ଶେୟାର କରାଯାଇଥିବା ଶର୍ଟ ଅନ୍‌ଲାଇନ ଭିଡିଓଗୁଡ଼ିକରେ ବିକ୍ଷୋଭକାରୀ ଇରାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ରାଜଧାନୀ ତେହରାନ ସମେତ ବିଭିନ୍ନ ସହରରେ ରାସ୍ତାଘାଟରେ ନିଆଁ ଜଳୁଛି।



ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍‌ର ଆତଙ୍କବାଦୀ ଏଜେଣ୍ଟ ନିଆଁ ଲଗାଇବା ସହ ହିଂସାକୁ ଉସୁକାଉଥିବା ଇରାନ ସରକାରୀ ଗଣମାଧ୍ୟମ ଅଭିଯୋଗ କରିଛି। ଇରାନର ୮୬ ବର୍ଷୀୟ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଦେଇଥିବା ଏକ ସଂକ୍ଷିପ୍ତ ଭାଷଣ ସରକାରୀ ଟିଭିରେ ପ୍ରସାରିତ ହୋଇଛି। ବିକ୍ଷୋଭକାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସେ ସଙ୍କେତ ଦେଇଛନ୍ତି। ବିକ୍ଷୋଭକାରୀ ଅନ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରାଇବାକୁ ଯାଇ ନିଜ ଦେଶର ରାସ୍ତାଘାଟକୁ ଧ୍ୱଂସ କରୁଛନ୍ତି। ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି ଖାମେନେଇ କହିଛନ୍ତି।

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟ ବିରୋଧରେ ଡିସେମ୍ବର ୨୮ରୁ ଲାଗି ରହିଥିବା ବିକ୍ଷୋଭ ଉଗ୍ରରୂପ ନେଇଛି। କ୍ରାଉନ୍ ପ୍ରିନ୍ସ ରେଜା ପହ୍ଲବୀଙ୍କ ଦ୍ୱାରା ଇରାନ ଜନସାଧାରଣ ପ୍ରଭାବିତ ହୋଇପାରୁଛନ୍ତି କି ନାହିଁ, ଏହି ବିକ୍ଷୋଭ ତାହାର ପ୍ରଥମ ପରୀକ୍ଷା। ରେଜାଙ୍କ ଅସୁସ୍ଥ ବାପା ୧୯୭୯ ଇସ୍‌ଲାମୀୟ ବିପ୍ଳବ ପୂର୍ବରୁ ଦେଶ ଛାଡ଼ି ପଳାଇଥିଲେ।

ପ୍ରାୟ ୨ ସପ୍ତାହ ହେଲା ଇରାନରେ ବିକ୍ଷୋଭ ଓ ହିଂସା ଲାଗିରହିଥିବାବେଳେ ଇତିମଧ୍ୟରେ ଅନ୍ୟୂନ ୪୨ ଜଣଙ୍କ ମୃତ୍ୟୁ ଘଟିଲାଣି। ୨,୨୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇଥିବା ଆମେରିକାର ହ୍ୟୁମ୍ୟାନ୍ ରାଇଟ୍ସ ଆକ୍ଟିଭିଷ୍ଟସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିକ୍ଷୋଭ ପାଇଁ କ୍ରାଉନ୍ ପ୍ରିନ୍ସ ଗୁରୁବାର ରାତିରେ ଡାକରା ଦେଇଥିଲେ। ଇରାନୀୟମାନେ ଏହାକୁ ଗୁରୁତର ସହ ନେଇ ଇସ୍‌ଲାମିକ୍ ରିପବ୍ଲିକ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବହୁସଂଖ୍ୟାରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏହି ଖବର ଯେପରି ଦେଶ ବାହାରକୁ ନ ଯାଏ ସେଥିପାଇଁ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ସୁରକ୍ଷା ବଳ ଦ୍ୱାରା ବିକ୍ଷୋଭକାରୀଙ୍କୁ ହତ୍ୟାକରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇ ଥାଇପାରେ ବୋଲି କୁହାଯାଉଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ଇରାନ ସୁପ୍ରିମଲିଡରଙ୍କୁ ଆମେରିକା ଉଠାଇ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ସେ ସେଥିରୁ ବର୍ତ୍ତିବା ପାଇଁ



ପଳାୟନର ସୁଯୋଗ ଖୋଜୁଛନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଖାମେନେଇ କହିଛନ୍ତି, ଟ୍ରମ୍ପ୍ ଅନେକ ହିଂସାରେ ଜଡ଼ିତ। ଇରାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ହସ୍ତକ୍ଷେପ ବରଦାସ୍ତ କରାଯିବ ନାହିଁ।

## ଶୂନ ଡିଗ୍ରୀ ତଳେ କଶ୍ମୀର, ବରଫ ପାଲଟିଲା ଡାଲ୍ ହ୍ରଦ

**ଶ୍ରୀନଗର,୯।୧**

ସମଗ୍ର କଶ୍ମୀର ଉପତ୍ୟକାର ତାପମାତ୍ରା ଶୂନ ଡିଗ୍ରୀରୁ ବହୁ ତଳକୁ ଖସିଯାଇଛି। ଶ୍ରୀନଗରରେ ଗୁରୁବାର ସବୁଠୁ ଶୀତ ରାତି ଅନୁଭୂତ ହୋଇଛି। ଡାଲ୍ ହ୍ରଦର କେତେକ ଭାଗ ବରଫ ପାଲଟିଯାଇଛି। ଗୁରୁବାର ରାତିରେ ଶ୍ରୀନଗରରେ ବିୟୁକ୍ତ ୬.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପୂର୍ବ ରାତିରେ ତାପମାତ୍ରା ବିୟୁକ୍ତ ୫.୧ ଡିଗ୍ରୀ ସେଲ୍‌ସିୟସ୍ ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶୀତ ଋତୁରେ ସେଠାର ସ୍ୱାଭାବିକ ତାପମାତ୍ରାଠାରୁ ପାରଦ ୪.୧ ଡିଗ୍ରୀ ତଳକୁ ଖସିଛି। ହାଡ଼ଥରା ଶୀତ ଯୋଗୁ


ଡାଲ୍ ହ୍ରଦର ଆଭ୍ୟନ୍ତରୀଣ ଅଂଶ ସମେତ ବହୁ ଜଳାଶୟ ବରଫ ପାଲଟିଯାଇଛି।

ଦକ୍ଷିଣ କଶ୍ମୀରର ପହଲଗାମ୍ ଟୁରିଷ୍ଟ ରିସର୍ଟ ଜମ୍ମୁ-କଶ୍ମୀରର ସବୁଠୁ ଥଣ୍ଡା ସ୍ଥାନ ଯେଉଁଠି ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୭.୬ ଡିଗ୍ରୀ ରହିଛି। ଉତ୍ତର କଶ୍ମୀରର ବାରମୁଲ୍ଲା ଜିଲାରେ ଥିବା ଗୁଲ୍‌ମାର୍ଗସ୍ଥିତ ସ୍କାଇ ରିସର୍ଟରେ ରାତି ତାପମାତ୍ରା ବିୟୁକ୍ତ ୭.୨ ଡିଗ୍ରୀ ସେଲ୍‌ସିୟସ୍ ଅନୁଭତ ହୋଇଛି। ସେହିପରି କେନ୍ଦ୍ରୀୟ କଶ୍ମୀରର ଗଣ୍ଡେରବାଲ୍ ଜିଲା ଅନ୍ତର୍ଗତ ସୋନାମାର୍ଗ ଟୁରିଷ୍ଟ ରିସର୍ଟରେ ତାପମାତ୍ରା ବିୟୁକ୍ତ ୫.୪ ଡିଗ୍ରୀ ଓ କାଜିଗୁଣ୍ଡରେ ବିୟୁକ୍ତ ୬.୨ ଡିଗ୍ରୀ ରହିଛି। ଉପତ୍ୟକାର ସମତଳ ଅଞ୍ଚଳରେ ତୁଷାରପାତ ହୋଇଛି। ୨୧ ତାରିଖ ଯାଏ ପାଗ ଶୁଖିଲା କିନ୍ତୁ ମେଘୁଆ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଓସ୍କାର ଦୌଡ଼ରେ କାନ୍ତାରା, ତନ୍ୱି ଦି ଗ୍ରେଟ୍

**ଲସ୍ ଏଞ୍ଜେଲ୍ସ,୯।୧**

ଚଳିତ ବର୍ଷର ଓସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ୨୦୧ଟି ଫିଚର ଫିଲ୍ମ ମଧ୍ୟରେ କନ୍ନଡ ଚଳଚ୍ଚିତ୍ର 'କାନ୍ତାରା: ଏ ଲିଜେଣ୍ଡ- ଚାପ୍ଟର ୧' ଏବଂ ହିନ୍ଦୀ ଚଳଚ୍ଚିତ୍ର 'ତନ୍ୱି ଦି ଗ୍ରେଟ୍' ରହିଛି। ଦି ଏକାଡେମୀ ଅଫ୍ ମୋଶନ ପିକ୍ଚର ଆର୍ଟ୍ସ ଆଣ୍ଡ ସାଇନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ୯୮ତମ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ଚଳଚ୍ଚିତ୍ରଗୁଡ଼ିକର ତାଲିକା ଗୁରୁବାର ପ୍ରକାଶ ପାଇଥିଲା। ଆସନ୍ତା ୨୨ରେ ନାମାଙ୍କନ ଘୋଷଣା ହେବ। ୯୮ତମ ଏକାଡେମୀ ପୁରସ୍କାର ପାଇଁ ମୋଟ ୩୧୭ ଫିଚର ଫିଲ୍ମ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୨୦୧ଟି ଚଳଚ୍ଚିତ୍ର ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି। ଅନୁପମ୍ ଖେର୍‌ଙ୍କ ନିର୍ଦ୍ଦେଶିତ ବହୁଭାଷୀ ଆନିମେଟେଡ୍ ଚଳଚ୍ଚିତ୍ର 'ମହାବତାର ନରସିଂହା' ଏବଂ ପ୍ରଥମ ଥର ଫିଲ୍ମ ନିର୍ମାତା ହୋଇଥିବା ଅବିଶାନ ଜୀବିନ୍ଥଙ୍କ ତାମିଲ ଟାଇଟଲ୍ 'ଟୁରିଷ୍ଟ ଫାମିଲି' ଏବଂ ରାଧିକା ଆପ୍‌ଟେ ଅଭିନୀତ 'ସିଷ୍ଟର ମିଡ୍‌ନାଇଟ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ